● କିଡ୍‌ନୀ ରୋଗରେ ଗଡୁଛି ମୁଣ୍ଡ

# ମହିଧରପଡ଼ାରେ ବିଶୁଦ୍ଧ ଜଳ କେବେ

**ବନ୍ତଲା, ୧୯ ।୧(ସମିସ):** ଅନୁଗୋଳ ବ୍ଲକ ଖୁଣ୍ଡା ପଞ୍ଚାୟତ ମହିଧରପଡ଼ାରେ କିଡନୀ ରୋଗ ଆତଙ୍କ ଖେଳାଇଛି । ଗତ ତିନି ବର୍ଷ ମଧ୍ୟରେ ପ୍ରାୟ ୨୦ ଜଣଙ୍କ ଜୀବନ ଯାଇଥିବା



ବେଳେ ଆହୁରି ଅନେକ ପୀଡ଼ିତ ଅଛନ୍ତି । ମହିଧରପଡା ଗ୍ରାମରେ ପ୍ରାୟ ୧୫୦ ପରିବାର ବସବାସ କରନ୍ତି । ଗ୍ରାମରେ ଦୁଇଟି ନଳକୂପ ଥିଲେ ମଧ୍ୟ ତାହା ପାନୀୟ ଉପଯୋଗୀ ନୁହେଁ । ଗାଁରେ ଥିବା ଏକ ଖୋଲା କୂଅରୁ ଗ୍ରାମବାସୀ ଜଳ ସଂଗ୍ରହ କରୁଛନ୍ତି । ଗତବର୍ଷ ୫ଜଣଙ୍କ ଜୀବନ ଯାଇଥିବା ବେଳେ ଆଜି ଗାଁର ରୂପ ବେହେରା (୬୩) ଙ୍କ ମୃତ୍ୟୁ ଘଟିଛି । ଏବେ ଗାଁର ପଦ୍ମାବତୀ ବେହେରା, ଭାରତୀ ବେହେରା, ହେମଲତା ବେହେରା, ବିଜୁ ଗୋଛାୟତ, ଚନ୍ଦ୍ରମଣି ନାଏକ କିଡନୀ ରୋଗରେ ପୀଡ଼ିତ ଅଛନ୍ତି । ଗାଁକୁ ପାଇପ ଲାଇନ ମାଧ୍ୟମରେ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ନିକଟରେ ଅନେକ ଗୁହାରି କରିଥିବା କହିଛନ୍ତି । କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି । ଯଦି ଖବର କାଗଜ, ଟିଭିରେ କିଏ ମଲା ବୋଲି ଖବର ବାହାରେ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଟିମ୍ ଆସି ପରୀକ୍ଷା କରି ଚାଲିଯାଆନ୍ତି । ତାହା ସହ ନଳକୂପ ପାଣି, ଖୋଲା କୂଅ ପାଣି ପରୀକ୍ଷା ପାଇଁ ଦୁଇ ବର୍ଷ ହେଲା ନେଇଛନ୍ତି ତାହାର ରିପୋର୍ଟ କଣ ବାହାରିଲା ଜଣାଇଲେ ନାହିଁ ବୋଲି ଗ୍ରାମ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି । ବିଶୁଦ୍ଧ ପାନୀୟ ଜଳ ପାଇଁ ଗ୍ରାମର ସର୍ବେଶ୍ୱର ବେହେରା ନିଜ ଖର୍ଚ୍ଚରେ ଏକ ଜଳ ବିଶୋଧନ ଯନ୍ତ୍ର ଲଗାଇଥିଲେ, ତାହା ଏବେ ଖରାପ ହୋଇ ପଡ଼ିଛି । ବ୍ଲକ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଗ୍ରାମକୁ ପାନୀୟ ଜଳଯୋଗାଣର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ଭୁବନେଶ୍ୱରୀ ଖଣିରୁ ୨ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ





**ତାଳଚେର ୧୯ ।୧(ସମିସ):** ଟାଉନ ଥାନା ଅନ୍ତର୍ଗତ ଭୁବନେଶ୍ୱରୀ କୋଇଲା ଖଣି ୧୬ନମ୍ବର କୋଇଲା ଷ୍ଟକରୁ ଏକ ଲୋଡର ସାହାଯ୍ୟରେ ୨ଟି ଟ୍ରକ ( ଓଡ଼ି୧୯କ୍ୟୁ -୨୫୪୫) ଏବଂ (ଓଡ଼ି ୨୧ଏଫ -୬୮୮୯)ରେ ବେଆଇନ ଭାବେ କୋଇଲା ବୋଝେଇ କରୁଥିବା ବେଳେ କୌଣସି ସୂତ୍ରରୁ ଓଆଇଏସଏଫ୍ ପାଟ୍ରୋଲିଂ ଟିମ ଖବର ପାଇ ଘଟଣାସ୍ଥଳରେ ଗାଡ଼ି ଗୁଡ଼ିକୁ ଠାବ କରିଥିଲା । ଦୁଇଟି ବୋଝେଇ ଟ୍ରକକୁ ଜବତ କରିଥିବା ବେଳେ ବାକି ଦୁଇଟି ଖାଲି ଟ୍ରକ ଘଟଣାସ୍ଥଳରୁ ଫେରାର ମାରିଥିଲେ । ତେବେ ଉକ୍ତ ଗାଡ଼ିର ଚାଳକ ଏହା ଜାଣିପାରିବା ପରେ ଆଖି ପିଛୁଳାକେ ଦୌଡ଼ି ପଳାଇଥିଲେ । ଓଆଇଏସଏଫ ଟିମ ଉକ୍ତ ଗାଡ଼ିଗୁଡ଼ିକୁ ଜବତ କରିଛି ବୋଲି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ପ୍ରତେକ ଦିନ ବିମ୍ବିତ ରାତିରେ ଭୁବନେଶ୍ୱରୀ କୋଇଲା ଖଣିରୁ ଅହରହ କୋଇଲା ଚୋରି ହେଉଥିବା ଜଣାପଡିଛି । ଖଣି କର୍ତ୍ତୃପକ୍ଷଙ୍କ ଅପାରଗତା ପାଇଁ ଭୁବନେଶ୍ୱରୀ କୋଇଲା ଖଣିରୁ କୋଇଲା ଚୋରି ଘଟଣା ସବୁଦିନେ ଦେଖିବାକୁ ମିଳୁଛି ।

# ଦୁର୍ଘଟଣାରେ ମହିଳା ମୃତ, ୨ ଆହତ

**ଅନୁଗୁଳ, ୧୯ ।୧(ସମିସ):** ଅନୁଗୁଳ ସହର ୫୫ ନମ୍ବର ଜାତୀୟ ରାଜପଥ ଥାନା ଛକଠାରେ ଆଜି ସକାଳେ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ



ଦୁଇଜଣ ଆହତ ହୋଇଛନ୍ତି । ସମ୍ବଲପୁରରୁ କଟକ ଆସୁଥିବା ମାଲବାହୀ ଟ୍ରକ୍ (ଓଆର ୧୯ କେ ୯୨୨୫) ସହିତ ଏକ ମୋଟର ସାଇକଲର ଧକ୍କା ହୋଇଥିଲା । ମୋଟର ସାଇକଲରେ ଚାଳକ ସହିତ ଦୁଇଜଣ ମହିଳା ଅନୁଗୋଳ ବସଷ୍ଟାଣ୍ଡରୁ ଥାନା ଛକ ଯାଉଥିଲେ । ଘଟଣାସ୍ଥଳରେ ମୋଟର ସାଇକଲ ପଛରେ ବସିଥିବା ମହିଳାଙ୍କ ମୃତ୍ୟୁ ଘଟିଥିବା ସ୍ଥଳେ ଅନ୍ୟ ଦୁଇଜଣ ଆହତ ହୋଇ ଅନୁଗୋଳ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ଅଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଟ୍ରକରେ ହେଲପର ନଥିଲା । ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ଜାତୀୟ ରାଜପଥ ନିର୍ମାଣରେ ଅଧିକ ବିଳମ୍ବ ସାଧାରଣ ଲୋକଙ୍କ ଜୀବନ ନେଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଅନୁଗୋଳ ସଚେତନ ନାଗରିକଙ୍କ ତରଫରୁ ଏହି ସମସ୍ୟାର ସମାଧାନ ପାଇଁ ୫୫ ନମ୍ବର ଜାତୀୟ ରାଜପଥ ଷ୍ଟେଟବ୍ୟାଙ୍କ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି । କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବାବୁ ଏଥିପ୍ରତି ତିଳେମାତ୍ର ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

# ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ କମିଟିର ଧର୍ମଘଟ ସ୍ଥଗିତ

**ନାଲକୋନଗର, ୧୯।୧ (ସମିସ):** ନାଲକୋ ଠିକା ଶ୍ରମିକ ସମନ୍ୱୟ କମିଟର ଧର୍ମଘଟକୁ ଠିକା ଶ୍ରମିକ ସମନ୍ୱୟ କମିଟି ଚଳିତ ମାସ ୨୯ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି । ଗତ ଡିସେମ୍ବର ୧୨ ଟାରିଖ ଦିନ ୪ଘଟିକା ସମୟରେ ଇଖଉ ଆସିଷ୍ଟାଣ୍ଟ ଲେବର କମିସିନର (ସେଣ୍ଟ୍ରାଲ), ନାଲକୋ କର୍ତ୍ତୃପକ୍ଷ ଏବଂ ଠିକାଶ୍ରମିକ ସମନ୍ୱୟ କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଠିକାଶ୍ରମିକ ସମନ୍ୱୟ କମିଟି ଯେଉଁ ୫ଦଫା ଦାବି ଉପସ୍ଥାପନା କରିଥିଲେ ଏଥିରେ ନାଲକୋ କର୍ତ୍ତୃପକ୍ଷ ସହମତି ହୋଇ ଉଚ୍ଚ ସ୍ତରୀୟ ବୈଠକରେ ସମାଧାନ କରିବାକୁ ୧୮ ତାରିଖ ସମୟ ନିର୍ଦ୍ଧାରିତ କରିଥିଲେ । କିନ୍ତୁ ଏଥିରେ ନାଲକୋ କର୍ପୋରେଟ କାର୍ଯ୍ୟାଳୟରୁ ସିମାନୀ ମହାପାତ୍ର ଉପସ୍ଥିତ ରହି ପୁଣି ୧୦ଦିନ ମଧ୍ୟରେ ନାଲକୋ ଅଧ୍ୟକ୍ଷଙ୍କ ସହିତ ଏକ ଜରୁରୀକାଳୀନ ବୈଠକ ହେବ ଏବଂ ଠିକାଶ୍ରମିକଙ୍କ ୫ଦଫା ଦାବି ବିଷୟରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା ମାଧ୍ୟମରେ ସମାଧାନ ହେବାକୁ ନିର୍ଭର ଯୋଗ୍ୟ ପ୍ରତିଶୃତି ଲିଖିତ ଦେବାରୁ ନାଲକୋ ଠିକାଶ୍ରମିକ ସମନ୍ୱୟ କମିଟି ୨୯ ତାରିଖ ପର୍ଯ୍ୟନ୍ତ ଧର୍ମଘଟକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଲେ ।

ଉତ୍କଳ-ସି କୋଲ୍ ବ୍ଲକ୍‌ରେ ପ୍ରଥମ ବାର୍ଷିକ ଖଣି ସୁରକ୍ଷା ପକ୍ଷ ପାଳିତ

# ଶୂନ୍ୟକ୍ଷତି ନେଇ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ପ୍ରତିବଦ୍ଧତା

**ଅନୁଗୋଳ,୧୯।୧(ସମିସ)**






ସୁରକ୍ଷା ପ୍ରତିବଦ୍ଧତାର ମନ୍ତ୍ର ନେଇ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅନୁଗୋଳ ଜିଲ୍ଲା ରାଇଝରଣ ସ୍ଥିତ ଉତ୍କଳ-ସି କୋଲ ବ୍ଲକ ଠାରେ ପ୍ରଥମ ବାର୍ଷିକ ମାଇନ୍ସ ସୁରକ୍ଷା ପକ୍ଷ ୨୦୨୩ -୨୪ ସଫଳତାର ସହ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସୁରକ୍ଷିତ ଏବଂ ନିରନ୍ତର ଖଣି ପରିବେଶ ପ୍ରତି ଥିବା ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ କ୍ରିଷ୍ଣେନ୍ଦୁ ମଣ୍ଡଳ, ଡିଏମଏସ, ଭୁବନେଶ୍ୱର ମଣ୍ଡଳ-୧, ଶ୍ରୀ ଟି. ହରିପ୍ରସାଦ, ଡିଡିଏମଏସ, ଭୁବନେଶ୍ୱର ମଣ୍ଡଳ ଏବଂ ଅନୁଧ୍ୟାନକାରୀ ଅଧିକାରୀ ଶ୍ରୀ ଡି.କେ. ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦାନ କରିଥିଲେ । ଏହି ଅବସରରେ ସେମାନେ କୋଇଲା ଖଣି ଅଞ୍ଚଳ ବୁଲି ଦେଖିବା ସହ ଜେଏସପିର ଉତ୍କଳ-ସି କୋଲ ବ୍ଲକ ନିମନ୍ତେ ନିଆଯାଇଥିବା ସାମାଜିକ ଦାୟିତ୍ୱବୋଧ ଏବଂ ସୁରକ୍ଷା ଦର୍ଶାଉଥିବା ଷ୍ଟଲଗୁଡିକୁ ଉଦଘାଟନ କରିଥିଲେ । ଜେଏସପିର ମେଟେରିଆଲ ମୁଖ୍ୟ ଆଶିଷ ପାଣ୍ଡେ ଏବଂ ଭି.ପି କୋଲ ମାଇନର ନୀରଜ କାଲାଙ୍କ ନେତୃତ୍ୱରେ ଅନ୍ୟାନ୍ୟ ଉତ୍କଳ-ସି କୋଲ ବ୍ଲକ ଅଧିକାରୀମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହ ଅଧିକାରୀଙ୍କୁ କୋଲ ବ୍ଲକ ସମ୍ବନ୍ଧୀୟ ସୁରକ୍ଷା କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇ ଥିଲେ । ଏହି ଅବସରରେ ଶ୍ରୀ କ୍ରିଷ୍ଣେନ୍ଦୁ ମଣ୍ଡଳ ଉପସ୍ଥିତ ଜନସାଧାରଣଙ୍କୁ ଏହି କୋଲ ବ୍ଲକ ନିମନ୍ତେ ନିଆଯାଇଥିବା ସୁରକ୍ଷା ପଦକ୍ଷେପ ଗୁଡିକର ଉଚ୍ଚ ପ୍ରଶଂସା କରିବା ସହ ଏଥିରେ ସମ୍ପୃକ୍ତ ଅଧିକାରୀମାନେ ମଧ୍ୟ ପ୍ରଶଂସାର ପାତ୍ର ବୋଲି ପ୍ରକାଶ କରିଥିଲେ । ସେ ଶୂନ୍ୟ କ୍ଷତି ନିମନ୍ତେ ନିଆଯାଇଥିବା ପଦକ୍ଷେପ ଗୁଡିକର ପ୍ରଶଂସା କରିବା ସହ ଏହି ପ୍ରୟାସରେ ସଫଳତା ଲାଭ ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାଗତ ସଙ୍ଗୀତ ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗାନ କରଯାଇଥିବା ସାଙ୍ଗକୁ ସୁରକ୍ଷା ଘୋଷଣାପତ୍ର, ସୁରକ୍ଷା ସମ୍ପର୍କିତ ସୂଚନା, ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁରକ୍ଷା ସମ୍ବନ୍ଧୀୟ ନାଟକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରଯାଇଥିଲା । ଏହି ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଉତ୍କଳ-ସି କୋଲ ବ୍ଲକର ପ୍ରଥମ ବାର୍ଷିକ ମାଇନ୍ସ ସୁରକ୍ଷା ପକ୍ଷ ପାଳନ କମ୍ପାନୀର ସୁରକ୍ଷା ପ୍ରତି ଥିବା ନିୟମର ଅନୁପାଳନ ସହ କର୍ମଚାରୀଙ୍କ ନିମନ୍ତେ ସୁରକ୍ଷିତ ଏବଂ ସ୍ୱାସ୍ଥ୍ୟପ୍ରଦ ପରିବେଶ ପ୍ରତି ଥିବା ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି । ଖଣି କ୍ଷେତ୍ରରେ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଶିଳ୍ପ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିପାରିଛି ବୋଲି ଜେଏସପିର ମେଟେରିଆଲ ମୁଖ୍ୟ ଆଶିଷ ପାଣ୍ଡେପ୍ରକାଶ କରିଥିଲେ ।

■ ରେଳ ବିଭାଗର ବୈମାତୃକ ମନୋଭାବ ବିରୋଧରେ ପ୍ରତିବାଦ

# ତାଳଚେରବାସୀଙ୍କ ଶାନ୍ତିପୂର୍ଣ୍ଣ ଗଣଧାରଣା

**ତାଳଚେର, ୧୯ ।୧(ସମିସ):** ତାଳଚେର ରେଳ ୟୁଜର୍ସ କମିଟି ପକ୍ଷରୁ ୯ ଦଫା ଦାବିନେଇ ତାଳଚେର ରେଳ ଷ୍ଟେସନ୍ ସମ୍ମୁଖରେ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା । ତାଳଚେର ଷ୍ଟେସନକୁ ଇଣ୍ଟର ସିଟି, ରାଜଧାନୀ ଏକ୍ସପ୍ରେସ୍, ବନ୍ଦେ ଭାରତ ପ୍ରଭୃତି ଯାତ୍ରୀବାହୀ ଟ୍ରେନ୍ ଆସିବା, ଲୁପ୍ ଲାଇନ୍ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା, ତାଳଚେରରେ ଥିବା ସମସ୍ତ ଲେବଲ୍ କ୍ରସିଂ ଯଥା-ହାଣ୍ଡିଧୂଆ ଛକ, ହାଟତୋଟା ରୋଡ୍, ବନ୍ତୋଲ ଇତ୍ୟାଦି ସ୍ଥାନରେ ଓଭରବ୍ରିଜ୍ ନିର୍ମାଣ କରିବା, ସମସ୍ତ କୋଇଲା ବୋଝେଇ ଟ୍ରେନରେ ପାଲ ବାନ୍ଧିବା, ମେମୁ ଓ ଫାଷ୍ଟ ପାସେଞ୍ଜର ଟ୍ରେନ୍ ତାଳଚେର ଷ୍ଟେସନ୍ ରେ ରାତ୍ରି ସମୟରେ ସଠିକ୍ ସମୟରେ ପହଞ୍ଚିବା, ତାଳଚେର



ଷ୍ଟେସନକୁ ଅମୃତ ଷ୍ଟେସନରେ ପରିଣତ କରିବା, ପାସେଞ୍ଜର ଟ୍ରେନ୍ ପାଇଁ ସ୍ୱତନ୍ତ୍ର ଲାଇନ୍ ବ୍ୟବସ୍ଥା, ତାଳଚେର ଠାରୁ କଣିହାଁ ପର୍ଯ୍ୟନ୍ତ ଟ୍ରେନକୁ ସଂପ୍ରସାରଣ କରିବା, ପାସେଞ୍ଜର ଟ୍ରେନ୍ ଟ୍ରାକ୍ ରେ ମାଲବାହୀ ଟ୍ରେନ୍ କୁ ସଂପୂର୍ଣ୍ଣ ବନ୍ଦକରିବା, ଯାତ୍ରୀଙ୍କ ସୁବିଧା ପାଇଁ ଷ୍ଟେସନର ଉନ୍ନତି କରିବା ଦାବିରେ ଏହି ଗଣଧାରଣା ଦିଆଯାଇଥିଲା । ରାଜ୍ୟର ସବୁଠାରୁ ପୁରାତନ ଷ୍ଟେସନ୍ ଯାହା ୧୯୨୭ ମସିହାରେ ଆରମ୍ଭ ହୋଇ ବର୍ତ୍ତମାନ ଦୈନିକ ୩୦ କୋଟିରୁ ଅଧିକ ଟଙ୍କା ଆୟ କରୁଥିବା ଷ୍ଟେସନ୍ କୁ କୌଣସି ଯାତ୍ରୀବାହୀ ଟ୍ରେନ୍ ନଆସିବା ଦ୍ୱାରା ତାଳଚେରବାସୀ ଟ୍ରେନ୍ ସୁବିଧାର ବଞ୍ଚିତ ହୋଇଛନ୍ତି । ଆଗାମୀ ଦିନରେ ଏହି ଦାବିଗୁଡିକ ପୂରଣ ନହେଲେ, ତାଳଚେରବାସୀ ତୀବ୍ର ଆନ୍ଦୋଳନ କରିବେ ବୋଲି ରେଳ ୟୁଜର୍ସ କମିଟି ପକ୍ଷରୁ କୁହାଯାଇଛି । କମିଟିର ସଭାପତି ସଂଗ୍ରାମ କେଶରୀ କୁଅଁରଙ୍କ ନେତୃତ୍ୱରେ ଚୈତନ୍ୟ ପ୍ରଧାନ, ଦିଗାମ୍ବର ଗଡ଼ନାୟକ, କେଶବ ଭୂତିଆ, ପଦ୍ମଚରଣ ସାମଲ, ପ୍ରେମାନନ୍ଦ ମହାନ୍ତି, ରାଜକିଶୋର ସାହୁ, ପ୍ରଫୁଲ ଦାସ, ଜିନେସ ସାହୁ, ବିନୋଦ ଲାଲ୍, ଦାସରଥି ସାହୁ, ହାଡିବନ୍ଧୁ ବିଶ୍ୱାଳ, ନିଲମ୍ ଲାଲ୍, ସଂଜୀବ ନାଏକ, ପ୍ରଫୁଲ ନାଏକ, ଶୋଭାଗିନୀ ଦାସ, ଜମ୍ଭେଶ୍ୱର ପଟ୍ଟନାୟକ, ସୌମ୍ୟ ସଂଜୀବ ମିଶ୍ର, ସୁକାନ୍ତ ଦାସ, ଡାକ୍ତର ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସାଧାରଣ ସଂପାଦକ ଅଭୟ ପାଣି ଧନ୍ୟବାଦ ଦେଇଥିଲେ ।

# ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**କିଶୋରନଗର, ୧୯।୧(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ କିଶୋରନଗରଠାରେ ଆଜି ବିଦ୍ୟାଳୟ ସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ -୨୦୨୪ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କିଶୋରନଗର ବ୍ଲକ୍ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଡ଼ ଅଲେଖ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଶରତ କୁମାର ଦେହୁରୀ, କଳ୍ପତରୁ ସଭାପତି ସୁଧୀରଞ୍ଜନ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ବିରଳି ବଡ଼ମାଳୀ ଏବଂ ପୁରାତନ ଛାତ୍ର ସଂସଦ ସଂପାଦକ ଦେବରାଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ସାହିତ୍ୟସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନ ଆଦି କ୍ଲବର ମେଣ୍ଟର ପ୍ରସନ୍ନ ପ୍ରଧାନ, ପ୍ରମୋଦିନୀ ପ୍ରଧାନ, ବିନାୟକ ଦେହୁରୀ ଓ ସୁନୀଲ ଦଳାଇଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଛାତ୍ରୀ ରତ୍ନ ମଞ୍ଜରୀ ବାରିକ ବେଦମନ୍ତ୍ର ପରିବେଷଣ କରିଥିବା ବେଳେ ବିଜୟାଲକ୍ଷ୍ମୀ ସାହୁ କବିତା ଆବୃତ୍ତି କରିଥିଲେ । ଛାତ୍ରୀ ମେଘା ମୌସୁମୀ ଆଚାର୍ଯ୍ୟଙ୍କ ଲୋକନୃତ୍ୟ ବେଶ୍ ଉପଭୋଗ୍ୟ ହୋଇପାରିଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ସଂଯୋଜନା କରିଥିଲା ବେଳେ ଶିକ୍ଷକ ଭୈରବ କୁମାର ଦେହୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଜାଗ୍ରତ କୁମାର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଡାଜଲିଙ୍ଗ୍ ବିଶ୍ୱାଳ, ଶୁଭମ୍ ପ୍ରଧାନ, ଦିବ୍ୟଜ୍ୟୋତି ପ୍ରଧାନ, ବିଜୟାଲକ୍ଷ୍ମୀ ସାହୁ ଆଦି ଛାତ୍ରଛାତ୍ରୀମାନେ ନିଜ କ୍ଲବ୍ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଦ୍ୟାଳୟର ବିଭିନ୍ନ ହାଉସକୁ ହାଉସ୍ ଅଫ୍ ଦ ଇଅର୍ ଭାବେ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।

● ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା

# 'ଲୁହର ରଙ୍ଗ' ଦର୍ଶକଙ୍କୁ କଲା ଅଶ୍ରୁସିକ୍ତ

**ଅନୁଗୋଳ,୧୯।୧(ସମିସ):** ନାଟ୍ୟ ମେଳାର ତୃତୀୟ ସନ୍ଧ୍ୟାରେ ନାଟକ 'ଲୁହର ରଙ୍ଗ' ମଞ୍ଚସ୍ଥ ହୋଇଥିଲା । ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନବଦୀପ ମହାଳିକ ଏହି ଉତ୍ସବକୁ ଉଦଘାଟନ କରିଥିଲେ । ଜାଗରଣ ଆର୍ଟ ଇଣ୍ଟରନେସନାଲ, ଦେବଗଡ଼ ପକ୍ଷରୁ ଏହା ମଞ୍ଚସ୍ଥ ହୋଇଥିଲା । ନାଟକକୁ ରଚନା କରିଛନ୍ତି ଅଶୋକ କୁମାର ବହିଦାର ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶକ୍ତି ପ୍ରସାଦ ମିଶ୍ର । ସମାରୋହରେ ନାଟ୍ୟମର ସଭାପତି ସୁଧାଂଶୁ ମୋହନ ଦ୍ୱିବେଦୀ ଓ ସମ୍ପାଦକ ସମୀର ପଟ୍ଟନାୟକ ଉପସ୍ଥିତ ଥିଲେ । ନିଝର୍ ଅଲି ଦାମାନି ଓ ହୃଦାନନ୍ଦ ପଣ୍ଡା ମଞ୍ଚରେ ସହାୟତା କରିଥିଲେ ।

# ପଇଁଚକୁଳ କଂଗ୍ରେସ କର୍ମୀଙ୍କ ବନ୍ଧୁମିଳନ

**ଆଠମଲ୍ଲିକ,୧୯।୧ (ସମିସ):** ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ଗ୍ରାମ ପଞ୍ଚାୟତର ପଇଞ୍ଚକୂଳ କଂଗ୍ରେସ ପଞ୍ଚାୟତ ନେତୃତ୍ୱ ଓ କର୍ମୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ମା' ବିନିକେଯୀ ଶକ୍ତିପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ଲୁହାସିଙ୍ଗା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ କପିଳେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତିସଭ୍ୟ ପ୍ରଦୀପ କୁମାର ସାହୁ, ପ୍ରଦୀପ୍ତ କୁମାର ପ୍ରଧାନ, ଚିନ୍ମୟ କୁମାର ପ୍ରଧାନ, ଅନିରୁଦ୍ଧ ଅମାନ୍ତ, ସଞ୍ଜୟ ସାହୁ ଓ ପ୍ରମୋଦ ବିଶ୍ୱାଳ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

● ସର୍ବଭାରତୀୟ ଭୂତିଆ ମେମୋରିଆଲ ମହିଳା ଫୁଟବଲ

# ଦ୍ୱିତୀୟ ସେମିରେ ଏସ୍‌ଏସ୍‌ବି ସିଲିଗୁରୀ

**ନାଲକୋନଗର, ୧୯।୧ (ସମିସ):** ନାଲକୋ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଭୂତିଆ ମେମୋରିଆଲ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ପଞ୍ଚମ ଦିବସର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଏସଏସବି ସିଲିଗୁରୀ ଓ ଗୁଜୁରାଟ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନାଲକୋର ଡାଇରେକ୍ଟ ପ୍ରଡକ୍ସନ୍ ପଙ୍କଜ କୁମାର ଶର୍ମା, ଏକଜିକ୍ୟୁଟିଭ ଡାଇରେକ୍ଟ ପ୍ରଡକ୍ସନ କେ.ବି.ସ୍ୱାଇଁ, ନାଲକୋ ଇଡି ଅମୀୟ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ । କ୍ୱାର୍ଟର ଫାଇନାଲ ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଦଳ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ । ଖେଳର ଦ୍ୱିତୀୟାର୍ଦ୍ଧରେ ଏସଏସବି ସିଲିଗୁରୀ ଦଳର ଏନ ସୁମିଲା ୬୦ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ପ୍ରତିପକ୍ଷ ଗୁଜୁରାଟ ଏକାଦଶ ଦଳର ଶିଳ୍ପବେନ ଠାକୁର ୫ମିନିଟ ମଧ୍ୟରେ ଗୋଲ ସ୍କୋର କରି ସମାନ୍ତରାଳ କରିଥିଲେ । ହେଲେ ଏସଏସବି ସିଲିଗୁରୀ ଦଳର ସଙ୍ଗୀତା ବେସଫୋର ୯ ମିନିଟ ମଧ୍ୟରେ ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ୨-୧ ରେ ବିଜୟୀ କରାଇଥିଲେ । ମୁଖ୍ୟ ରେଫରି ଭାବେରୀନା ତିର୍କି, ଆସିଷ୍ଟାଣ୍ଟ ରେଫେରି ବୀଣାପାଣି ବିରୁଆ, ବାଲମତି ଓରାମ, ଶୀତଲ ଗୁରୁଙ୍ଗ ଖେଳ ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିଶିନିର ଭାବେ ଜାତୀୟ ରେଫେରି ଦୁର୍ଗା ମାଧବ ନାୟକ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କମିଟିର ପ୍ରଶାନ୍ତ ଭଞ୍ଜ, ପ୍ରଶାନ୍ତ ବିଶ୍ୱାଳ, ଅଜିତ ସାହୁ, ହରିହର ସା, ଦେବୀ ମହାପାତ୍ର, ଭଗବାନ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା କାଲିର ମ୍ୟାଚ ଏସଏସବି ସିଲିଗୁରୀ ସହିତ ତାମିଲନାଡୁ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ ।

# କିଶୋରନଗର ବ୍ଲକ୍ ଦୁର୍ନୀତି ବିରୁଦ୍ଧରେ ବିକ୍ଷୋଭ



**କିଶୋରନଗର, ୧୯।୧(ସମିସ):** ଦୁର୍ନୀତିଗ୍ରସ୍ତ ବ୍ଲକ ଅଧିକାରୀଙ୍କ ବିରୁଦ୍ଧରେ ଆଜି ଆଠମଲ୍ଲିକ ୟୁବ ସ୍ୱାଭିମାନ ମଞ୍ଚ ତରଫରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ନିକଟସ୍ଥ ସାଧୁପାଳ ଶିବମନ୍ଦିରରୁ ସମସ୍ତେ ଏକତ୍ରୀତ ହୋଇ ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ବ୍ଲକରେ ଚାଲିଥିବା ଦୁର୍ନୀତି, ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବଞ୍ଚିତ କରାଯିବା, ସୁରେଶ୍ୱରୀ ଓ ଧଉରାଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପ୍ରତିବାଦରେ ପ୍ରଶାସନକୁ କଡ଼ା ସମାଲୋଚନା କରାଯାଇଥିଲା । ଏହି ଅବସରରେ ୯ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଏହି ଆନ୍ଦୋଳନରେ ୩ ହଜାରରୁ ଅଧିକ ଜନସମାଗମ ହୋଇଥିଲା ।

# ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ୍‌ର ଗଣଧାରଣା




**ନାଲକୋ ନଗର, ୧୯।୧(ସମିସ)**

ନବରତ୍ନ କମ୍ପାନୀ ନାଲକୋର ନିଜସ୍ୱ ତାପଜ ବିଦ୍ୟୁତ କେନ୍ଦ୍ର ସିପିପି କାରଖାନାର ସର୍ବବୃହତ ସଙ୍ଗଠନ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ଦ୍ୱାରା ୭ଦଫା ଦାବି ନେଇ ସାଧାରଣ ସମ୍ପାଦକ ବିଭବ ଜେନଙ୍କ ନେତୃତ୍ୱରେ ଗୋଲେଇ ଛକ ଠାରେ ଆଜି ୧୨ ଘଣ୍ଟିଆ ଧାରଣା ଦିଆଯିବା ସହିତ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ନାଲକୋର ନିଜସ୍ୱ ତାପଜ ବିଦ୍ୟୁତ କେନ୍ଦ୍ର ୪୪ ବର୍ଷର ଏକ ପୁରୁଣା ପ୍ଲାଣ୍ଟ ହୋଇଥିବା ବେଳେ ଉପଯୁକ୍ତ ରକ୍ଷଣା ବେକ୍ଷଣର ଅଭାବ ଯୋଗୁ ପ୍ଲାଣ୍ଟର ଉତ୍ପାଦନ ଓ ଉତ୍ପାଦକତା ଉପରେ ବାରମ୍ବାର ପ୍ରତିକୂଳ ପ୍ରଭାବ ପକାଉଛି । ପ୍ରତିଷେଧକ ରକ୍ଷଣାବେକ୍ଷଣ ଏବଂ ନିୟମିତ ରକ୍ଷଣାବେକ୍ଷଣ ଠିକ୍ ସମୟରେ କରାଯାଉ ନାହିଁ । କୌଣସି ଯନ୍ତ୍ରପାତି ଅଚଳାବସ୍ଥାକୁ ଆସିଲେ ତା'ର ରକ୍ଷଣା ବେକ୍ଷଣ ମଧ୍ୟ ସଠିକ୍ ସମୟରେ କରାଯାଉନାହିଁ । ଏହି ପରିପ୍ରେକ୍ଷୀରେ ନାଲକୋ ର ଡାଇରେକ୍ଟର ପ୍ରଡକ୍ସନ ପଙ୍କଜ ଶର୍ମା ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ୭ ଦଫା ଦାବି ଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସନ୍ତୋଷ ରାଉତ, ହେମନ୍ତ ପ୍ରଧାନ, ରଣଜିତ୍ ସିଂ, ପ୍ରଣବ ଜେନା, ଅଶୋକ ବେହେରା, ଆର୍ତ୍ତ ସାମଲ, ନିରଞ୍ଜନ ଦେହୁରୀ, ମଳୟ ନାୟକ, ନାଗେଶ୍ୱର ବେହେରା, ଜିତେନ୍ଦ୍ର ଆଲୁକ୍, ପଙ୍କଜ ମହାରଣା, ଦୀନବନ୍ଧୁ ମିଶ୍ର, ବିଷ୍ଣୁ ସେନ ଶର୍ମା, ପ୍ରଦୀପ ନାୟକ, ଯତୀନ ସାମଲ, ରାଜେଶ ଦେଓ, ପିକେ ମିଶ୍ର, ଅକର୍ମା ପ୍ରଧାନ, ଦୀପକ ସନ୍ତ୍ରା, ତ୍ରିନାଥ ମହାପାତ୍ର, ଗାନ୍ଧୟ ମାରାଣ୍ଡି, ନବ ଦେହୁରୀ, ଗୁଣ୍ଡୁରାମ୍ ମାରାଣ୍ଡି, ହରେକୃଷ୍ଣ ନାଥ, ସରୋଜ ବେହେରା, ଜନ୍ମଜୟ ନାୟକ, ନୀଳଲୋହିତ ରଥ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ସଂଗଠନର ଉପଦେଷ୍ଟା ସନ୍ତୋଷ ମହାରଣା ଧନ୍ୟବାଦ୍ ଅର୍ପଣ କରିଥିଲେ ।

● ମୃତ ଆଶାକର୍ମୀଙ୍କ ପରିବାରକୁ କ୍ଷତିପୂରଣ ଏବଂ ନିଯୁକ୍ତି ଦାବି

# ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

**ଅନୁଗୋଳ, ୧୯।୧(ସମିସ):** ଆଠମଲ୍ଲିକ ବ୍ଲକ୍ ଅନ୍ତର୍ଗତ ପାଇକ୍ ସାହି ପଞ୍ଚାୟତର ରାଇନାଳି ଗ୍ରାମର ଆଶା କର୍ମୀ କୁମାରୀ ସାହୁଙ୍କ ଆଜି ସକାଳ ସମୟରେ ଥାନା ଛକ ଟ୍ରାଫିକ ପୋଷ୍ଟ ନିକଟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ମୃତ ଆଶାକର୍ମୀଙ୍କ ପରିବାରକୁ ସର୍ବନିମ୍ନ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ପରିବାରର ଜଣଙ୍କୁ ନିଯୁକ୍ତି ଦାବିରେ ଓଡ଼ିଶା ମିଳିତ ଆଶା ୟୁନିଅନର ଜିଲ୍ଲା ଆବାହକ ତୀର୍ଥବାସୀ ଭୋଇ, ମନ୍ଦୋଦରୀ ରାଉଳଙ୍କ ନେତୃତ୍ୱରେ ଆଶା କର୍ମୀମାନେ ଥାନା ଛକଠାରୁ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ ପରେ ବିକ୍ଷୋଭକାରୀଙ୍କ ସହିତ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାନନ୍ଦ ମହାନ୍ତି ଏବଂ ଉପଜିଲ୍ଲାପାଳ ବରେନେନ୍ଦ୍ର ମହାନ୍ତି ଆଲୋଚନା କରିଥିଲେ । ଆଶା କର୍ମୀମାନଙ୍କ ପକ୍ଷରୁ ଉପସ୍ଥାପିତ ଦାବି ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଉପଯୁକ୍ତ, ବାସ୍ତବ ପଦକ୍ଷେପ ନେବା ପାଇଁ ବିକ୍ଷୋଭକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରଶାସନର ପ୍ରତିଶୃତି ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା ।




ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱ କାଳନ୍ଦୀ ଚରଣ ବରିଶଲ
ପୂର୍ବତନ ସରପଞ୍ଚ, ସମାଜସେବୀ
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଧରାବତରଣ: ୨୮.୧୨.୧୯୩୬
ସର୍ଗାରୋହଣ: ୧୬.୦୧.୨୦୧୯

ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ଏହା ହିଁ ପରମବ୍ରହ୍ମ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ହତଭାଗିନୀ ପତ୍ନୀ- ବିଷ୍ଣୁପ୍ରିୟା, ବନ୍ଧୁ,
ଆତ୍ମୀୟସ୍ୱଜନ ଓ ଶୋକସନ୍ତପ୍ତ ବରିଶଲ ପରିବାରବର୍ଗ

● କୁନିନ୍ଦା ଗ୍ରାମ ଛାତ୍ରୀମୃତ୍ୟୁ ଘଟଣା

## ଜେଲ୍ ଗଲା ହତ୍ୟାକାରୀ ପ୍ରେମିକ



**ଭୁବନ, ୧୯।୧ (ସମିସ) :** ଭୁବନ ଥାନା ଅନ୍ତର୍ଗତ କୁନିନ୍ଦା ଗ୍ରାମରେ ଛାତ୍ରୀ ମୃତ୍ୟୁ ଘଟଣାର ପରଦା ହଟିଛି। ଚଳିତ ମାସ ମକର ସଂକ୍ରାନ୍ତିରେ ମାମୁଁଘରୁ ଭାଣିଜୀର ମୃତଦେହ ଉଦ୍ଧାର ଘଟଣା ନୂଆ ମୋଡ଼ ନେଇଥିଲା। ହତ୍ୟାକାରୀ ପ୍ରେମିକକୁ ଗିରଫ କରିବାରେ ସକ୍ଷମ ହୋଇଛି ଭୁବନ ପୁଲିସର ଦୁଇଟି ଟିମ୍। କେହି ନଥିବାର ସୁଯୋଗ ନେଇ ଛାତ୍ରୀ ପଦ୍ମିନୀ ଫୋନ ଯୋଗେ ପ୍ରମୋଦ ବାହାଲିଆକୁ ଘରକୁ ଡାକିଥିଲା। ଏହାର ସୁଯୋଗ ନେଇ ପ୍ରମୋଦ ଏକ ମୋଟର ସାଇକଲରେ କୁନିନ୍ଦା ଗ୍ରାମ ଛାତ୍ରୀ ମାମୁଁ ଘରକୁ ଆସିଥିଲା। ମକର ଯାତ୍ରା ଦେଖିବାକୁ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପ୍ରମୋଦ ରାଗରେ ନିକଟରେ ପଡ଼ିରହିଥିବା ଏକ ପ୍ଲାଷ୍ଟିକ ରସି ସାହାଯ୍ୟରେ ପଦ୍ମିନୀର ବେକକୁ ଚିପି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ମୃତକଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଭୁବନ ପୁଲିସ ଦୁଇଟି ଟିମ ଗଠନ କରି ହତ୍ୟାକାରୀ ପ୍ରେମିକକୁ କେନ୍ଦୁଝର ଜିଲ୍ଲାରୁ ଧରିବାକୁ ସକ୍ଷମ ହୋଇଥିଲେ। ତେବେ ଛାତ୍ରୀଙ୍କ ହତ୍ୟା କିପରି ହୋଇଥିଲା ଏବଂ ହତ୍ୟାକାରୀ କିପରି ଧରାପଡ଼ିଲା ସେ ବିଷୟରେ ଆଜି କାମାକ୍ଷାନଗର ଏସଡିପିଓ ପ୍ରଭାତ ତ୍ରୀପାଠୀ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଆଜି ହତ୍ୟାକାରୀ ପ୍ରମୋଦକୁ ଦଫା ୩୦୨ ଧାରାରେ ଭୁବନ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ କାମାକ୍ଷାନଗର ବିଚାରାଧୀନ କାରାଗାରକୁ ପଠାଯାଇଛି।

## ପାତ୍ର ଜୋତା ଗୋଦାମରେ ଜିଏସ୍‌ଟି ଚଢ଼ଉ



**ଢେଙ୍କାନାଳ, ୧୯।୧(ସମିସ):** ଢେଙ୍କାନାଳ ସହରସ୍ଥ ବାଜିଚୌକ ଓ ଯତନନଗରଠାରେ ପାତ୍ର ଜୋତା ଗୋଦାମରେ ଜିଏସ୍ଟିର ଏନଫୋର୍ସମେଣ୍ଟ୍ ଟିମ୍ ଚଢ଼ଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ୍ କରିଛି। ଆଜି ସକାଳେ ଅନୁଗୁଳସ୍ଥିତ ଜିଏସ୍ଟି ଏନଫୋର୍ସମେଣ୍ଟ୍ ଟିମ୍ର ଡେପୁଟି କମିଶନର ଶିବାଶିଷ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ବାଜିଚୌକ ଛକଠାରେ ଥିବା ଏହି ଜୋତା ଗୋଦାମ ଓ ଯତନନଗର ଠାରେ ଥିବା ଗୋଦାମ ଉପରେ ଚଢ଼ଉ କରିଛି। ପାତ୍ର ଏଜେନ୍ସି ନାମରେ ଜିଏସ୍ଟି ଫାଙ୍କିବା ସହ ଅନ୍ୟାନ୍ୟ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଚଢ଼ଉ କରାଯାଇଛି। ଏହି ଚଢ଼ଉ ପରେ ଡେପୁଟି କମିଶନର କହିଛନ୍ତି ଯେ, ସମସ୍ତ ଷ୍ଟକ୍ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯିବା ପରେ ଏହାର ସବିଶେଷ ସୂଚନା ପ୍ରଦାନ କରାଯିବ।

## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



ଢେଙ୍କାନାଳ, ୧୯।୧(ସମିସ): ଢେଙ୍କାନାଳ ପୌରପରିଷଦ ଅନ୍ତର୍ଗତ ଡଃ ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ସରକାରଙ୍କ ନିର୍ଦ୍ଦେଶନାରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ ରବୀନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ପାର୍ଥସାରଥି ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ସଭାପତିତ୍ୱରେ କରାଯାଇଥିଲା। ପ୍ରଥମେ ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ସବୁ କ୍ଲବର ଆକ୍ଟିଭିଟି ଗୁଡିକ ବୁଲି ଦେଖିବା ସହ ଏହି କାର୍ଯ୍ୟକ୍ରମ ନିଶ୍ଚୟ ପିଲାମାନଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବ ବୋଲି ମତ ବ୍ୟକ୍ତ କରିଥିଲେ। ଭଲ ପ୍ରଦର୍ଶନ କରିଥିବା ସୃଜନୀ କ୍ଲବକୁ ଟ୍ରଫି ପ୍ରଦାନ କରାଯାଇଥିଲା। ହାଉସ୍ ସିଷ୍ଟମ୍ (ମହାନଦୀ) ଶ୍ରେଷ୍ଠ ବିବେଚିତ ହୋଇ ଟ୍ରଫି ଲାଭ କରିଥିଲା। ସେହିଭଳି ବିଭିନ୍ନ କ୍ଲବ୍ର ଭଲ କରୁଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଅଭିଭାବକ, ଅଭିଭାବିକା, ପୁରାତନ ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ କବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କାଢ଼ା କେନାଲ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ

**ହିନ୍ଦୋଳ, ୧୯।୧(ସମିସ)**



କୃଷି ଓ କୃଷକର ଉନ୍ନତି ପାଇଁ ସରକାର ବହୁ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇ ବିଭିନ୍ନ ସଂସ୍ଥା ମାଧ୍ୟମରେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅର୍ଥଖୋର ମନୋଭାବ ଯୋଗୁଁ ଚାଷୀ ଏହାର ସୁଫଳ ପାଇପାରୁନାହାନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ହିନ୍ଦୋଳ ଉପଖଣ୍ଡର ସାପୁଆ ବଡ଼ଯୋରା ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ହେଉଥିବା କାଢ଼ା କେନାଲ କାର୍ଯ୍ୟରେ। ଗତବର୍ଷ ଉପଖଣ୍ଡର ବିଭିନ୍ନ ଜାଗାରେ ବିଭାଗ ଦ୍ୱାରା ୨୦ କୋଟିର କାଢ଼ା କେନାଲ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସମସ୍ତ କାର୍ଯ୍ୟ ବିନା ଟେଣ୍ଡରରେ ଅତ୍ୟନ୍ତ ନିମ୍ନମାନର ହୋଇଥିଲା। ଉକ୍ତ ନିମ୍ନମାନର କାର୍ଯ୍ୟ ହେଉଥିବା ବିଷୟରେ ଉପଖଣ୍ଡର ବିଭିନ୍ନ ଚାଷୀଙ୍କ ଅଭିଯୋଗକୁ ଭିତ୍ତିକରି ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଚଳିତ ବର୍ଷ ମଧ୍ୟ କିଛି ପାଣିପାଞ୍ଚାୟତ ସଭ୍ୟଙ୍କ ନାମରେ ବିନା ଟେଣ୍ଡରରେ ବିଭାଗ ଦ୍ୱାରା ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାଢ଼ା କେନାଲ ନିର୍ମାଣ କରାଯାଉଛି। ଏହା ପୁଣି ବିନା ସୂଚନା ଫଳକରେ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ସରକାରୀ କାର୍ଯ୍ୟ ହେବା ପୂର୍ବରୁ ସରକାରଙ୍କ ଦ୍ୱାରା ଟେଣ୍ଡର ହେବାର ନିୟମ ଥିବାବେଳେ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଜନସାଧାରଣଙ୍କ ଅବଗତି ନିମନ୍ତେ କାର୍ଯ୍ୟ ସ୍ଥଳରେ କାର୍ଯ୍ୟର ସବିଶେଷ ବିବରଣୀ ପାଇଁ ଗୋଟିଏ ସୂଚନା ଫଳକ ଲଗାଯିବାର ସରକାରୀ ନିୟମ ରହିଛି। ମାତ୍ର ହିନ୍ଦୋଳ ଉପଖଣ୍ଡରେ ହେଉଥିବା ବିଭିନ୍ନ ସ୍ଥାନରେ ନିର୍ମିତ କାଢ଼ା କେନାଲ କାର୍ଯ୍ୟରେ କାର୍ଯ୍ୟ ଆରମ୍ଭ ତ ଦୂରର କଥା କାର୍ଯ୍ୟ ସରିବା ପରେ ମଧ୍ୟ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଉପଖଣ୍ଡର ଜରଡ଼ା, ଚିତ୍ତଳପୁର, ନହଡ଼ା ଅଞ୍ଚଳରେ ହୋଇଥିବା କାଢ଼ା କେନାଲ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ନାହିଁ। ଏପରିକି ଯେଉଁ

## ବିନା ଟେଣ୍ଡରରେ ଚାଲିଛି ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମ

## ଗତବର୍ଷ କେନାଲ କାମ ପାଇଁ ବ୍ୟୟ ହୋଇଥିଲା ୨୦ କୋଟି

ଠିକାଦାରମାନେ ଏହି କାର୍ଯ୍ୟ କରୁଛନ୍ତି, ସୂଚନା ଫଳକ ବିଷୟ ପଚାରିଲେ ଫଳକ ଲାଗିବ ବୋଲି ବିଭାଗ ଆମକୁ ସୂଚନା ଦେଇନାହିଁ ବୋଲି କହୁଛନ୍ତି। ଜନସାଧାରଣଙ୍କୁ ଅନ୍ଧାରରେ ରଖି କୋଟି କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି। ସୂଚନା ମୁତାବକ କେନାଲ ନିର୍ମାଣର ନିୟମ ମୁତାବକ ନିର୍ଦ୍ଧାରିତ ଅନୁପାତରେ ରଡ, ମେଟାଲ, କଂକ୍ରିଟ ବାଲି ସିମେଣ୍ଟ ଆଦି ଦିଆନଯାଇ କାର୍ଯ୍ୟ କରାଯାଉଛି ଏବଂ କେନାଲରେ ୮ ଖଣ୍ଡ ରଡ ଦେଇ କାର୍ଯ୍ୟ କରିବାର ନିୟମ ଥିବାବେଳେ ଠିକାଦାରଙ୍କ ଦ୍ୱାରା ୩ ଖଣ୍ଡ ରଡରେ କେନାଲ କରାଯାଉଥିବା ଦେଖିବାକୁ ମିଳିଛି। ଫଳରେ ଆଗାମୀ ବର୍ଷା ଋତୁରେ ଏହା ସମ୍ପୂର୍ଣ୍ଣ ଭାଙ୍ଗିଯିବାର ଆଶଙ୍କା ରହିଛି। ଏଭଳି ନିମ୍ନମାନର କାର୍ଯ୍ୟ କରି ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିତ ମଧୁଚନ୍ଦ୍ରିକାରେ କୋଟି କୋଟି ଟଙ୍କା ଚଳୁ କରୁଥିବା ଦେଖିବାକୁ ମିଳୁଛି। ଏହି ନିର୍ମାଣାଧୀନ କାର୍ଯ୍ୟ ଖୋଦ ବିଭାଗୀୟ ଅଧିକାରୀଙ୍କ ଜ୍ଞାତାସାର ହେଉଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ କେବେ ହେଲେ ଆସନ୍ତି ନାହିଁ, ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତରାରେ ହେଉଛି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ। ଏ ନେଇ ବିଭାଗୀୟ ଯନ୍ତ୍ରୀ ଅଦୈତ୍ୟ ମାଝୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ଏତେ ଜାଗାରେ କାର୍ଯ୍ୟ ହେଉଛି ମୁଁ ସବୁଦିନ କାର୍ଯ୍ୟ ସ୍ଥଳକୁ ଯାଇପାରୁନି। ସମୟ ସୁବିଧା ଦେଖି ମୁଁ କାର୍ଯ୍ୟ ତଦାରଖ କରିବା ପାଇଁ ଯାଉଛି। ବିନା ଟେଣ୍ଡର ଓ ବିନା ସୂଚନା ଫଳକରେ ହେଉଥିବା କାର୍ଯ୍ୟ ବିଷୟରେ ପଚାରିବାରୁ ଏ ବିଷୟରେ ମୁଁ କୌଣସି ମତାମତ ଦେଇପାରିବି ନାହିଁ ବୋଲି ମନ୍ତବ୍ୟ ଦେଇଛନ୍ତି।

■ କାମାକ୍ଷାନଗରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ଅଧ୍ୟକ୍ଷ

## ବିଭିନ୍ନ ଅଙ୍ଗନବାଡ଼ି ଓ ସେବାଶ୍ରମରେ କଲେ ଭିତ୍ତିଭୂମି ସମୀକ୍ଷା



**କାମାକ୍ଷାନଗର, ୧୯।୧ (ସମିସ):** ଦିନିକିଆ କାମାକ୍ଷାନଗର ଗସ୍ତରେ ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ। କାମାକ୍ଷାନଗର ବ୍ଲକର ବିଭିନ୍ନ ସେବାଶ୍ରମ ଓ ଅଙ୍ଗନବାଡ଼ି କେନ୍ଦ୍ର ବୁଲି ପରିବେଶ ଓ ଖାଦ୍ୟର ମାନ ଯାଞ୍ଚ କରିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ସାରା ରାଜ୍ୟରେ ଅଙ୍ଗନବାଡ଼ି ଓ ସେବାଶ୍ରମ ବିଦ୍ୟାଳୟରେ ପାଠ ପଢୁଥିବା ପିଲାଙ୍କ ପାଇଁ ସୁଷମ ଖାଦ୍ୟ ଯୋଗାଇ ଦିଆଯାଉଛି। ଯାହା ଫଳରେ ପିଲାମାନଙ୍କ ଶାରୀରିକ ଓ ମାନସିକ ବିକାଶ ହୋଇପାରିବ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ, ସଦସ୍ୟ ଅକ୍ଷୟ କୁମାର ବେହେରା କାମାକ୍ଷାନଗର ବ୍ଲକର ରେକୁଲା, ଦିଗୋଡ଼ିଆ ସାହି, ଅନନ୍ତପୁର,ରେ ଥିବା ଅଙ୍ଗନବାଡ଼ି ଓ ପଲ୍ଲୀକାଟେଣୀ ସେବାଶ୍ରମ ବିଦ୍ୟାଳୟ ବୁଲି ଦେଖିଥିଲେ। ସେଠାରେ ପଢୁଥିବା ପିଲାମାନଙ୍କୁ ସଠିକ ଭାବରେ ଖାଦ୍ୟ ଦିଆଯାଉଛି କି ନାହିଁ ତାହା ଦେଖିବା ସହ ପରିବେଶକୁ ପରିଷ୍କାର ରଖିବା ପାଇଁ ସ୍ଥାନୀୟଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ କାମାକ୍ଷାନଗର ବ୍ଲକ ସଭାଗୃହଠାରେ ଆୟୋଜିତ ସମୀକ୍ଷା ବୈଠକରେ ସିଡିପିଓ, ଅଙ୍ଗନବାଡ଼ି ସୁପରଭାଇଜର, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କୁ ନିଜ ଅଞ୍ଚଳରେ ଥିବା ଅଙ୍ଗନବାଡ଼ି ଓ ସେବାଶ୍ରମରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଖାଦ୍ୟ ଓ ତାହାର ମାନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା, କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ସହକାରୀ ଜିଲ୍ଲାପାଳ ମଦନମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

● ବିଏମ୍‌ସି କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଝାଟିକିପଶି ଚାମ୍ପିଅନ



**ମହାବିରୋଡ଼, ୧୯।୧(ସମିସ):** କଙ୍କଡାହାଡ଼ ବ୍ଲକ ମରୁଆବିଲ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପଡ଼ା ଗ୍ରାମ ଖେଳ ପଡ଼ିଆଠାରେ ବିଏମସି ଫୁଟବଲ କ୍ଲବ ଆନୁକୂଲ୍ୟରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଦଳ ଭାଗ ନେଇଥିଲେ। ଉଦଯାପନୀ ଖେଳ ଝାଟିକିପଶି ଓ ସାଧୁଆମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଝାଟିକିପଶି ୨- ୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହେଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଯୋଗଦେଇ ଉଭୟ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ସରପଞ୍ଚ ବୈଜୟନ୍ତୀବାଳା ରାଉତ, ଦିଲ୍ଲୀପ ଦାସ, ଜୟନ୍ତ ମହାନ୍ତ, ଶ୍ରମିକ ନେତା ଭୀମସେନ ସାହୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନା କରୁଥିଲେ ବାବୁଲି ପିଙ୍ଗୁଆ। ସାଗର ଗାଗରାଇ ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବର ବାବୁଲ ମହାକୁଡ଼, ବାଗୁନ ଜାମୁଦା ସହିତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନ ୫ ପରିବାରକୁ ସହାୟତା ପ୍ରଦାନ



**ଭୁବନ, ୧୯।୧ (ସମିସ) :** ଗତକାଲି ବିଳମ୍ବିତ ରାତିରେ ଭୁବନ ବ୍ଲକ ଏକତାଳି ପଞ୍ଚାୟତ ନିମେଇପୁର ଗ୍ରାମର ପାଞ୍ଚ ପରିବାର ଘରେ ଶୋଇଥିବା ଅବସ୍ଥାରେ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ଲାଗିଯାଇଥିଲା ନିଆଁ। ନିମିଷକ ମଧ୍ୟରେ ସବୁ ସର୍ବସ୍ୱାନ୍ତ ହୋଇଯାଇଥିଲା। ଘରର ସବୁ ସୁନାଗହଣା, ଖଟ, ଡ୍ରେସିଂ ଟେବୁଲ୍ ଆସବାପତ୍ର ପୋଡ଼ି ପାଉଁଶ ହୋଇଯାଇଥିବା କୁହନ୍ତି ନବବଧୂ ଅଲିଭା ସାହୁ। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାଇଛନ୍ତି ପରିବାର ଲୋକେ। ଖବର ପାଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଆଜି ବିଜୁ ଜନତା ଦଳ ତରଫରୁ ସାହାଯ୍ୟ ପ୍ରଦାନ କରାଯାଇଥିଲା। ସମାଜସେବୀ ତଥା ଭୁବନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ଏକତାଳି ସରପଞ୍ଚ ସମିତି ସଭ୍ୟଙ୍କ ପ୍ରତିନିଧି ସହାୟତା ବଳରେ ଏକ ସପ୍ତାହ ଲାଗି ରାଶନ ସାମଗ୍ରୀ ଓ ବସ୍ତ୍ର ପ୍ରଦାନ କରାଯିବା ସହ ପ୍ରଶାସନ ତରଫରୁ ଯଥାସମ୍ଭବ ସାହାଯ୍ୟ ସହଯୋଗ ପ୍ରଦାନ ଦିଗରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଅବଗତ କରାଇବା ନେଇ ସଭାପତି ରମେଶ ସାହୁ ଜଣାଇଛନ୍ତି।

## ଦ୍ୱିତୀୟ ଦିନରେ ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି / ଚାଷୀ ହନ୍ତସନ୍ତ, ଜନଅସନ୍ତୋଷ ତୀବ୍ର



ଢେଙ୍କାନାଳ, ୧୯।୧(ସମିସ): ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ତଥା ଡାକ୍ତରଙ୍କର କ୍ୟାଡର୍ ପୁନର୍ଗଠନ, କେନ୍ଦ୍ରୀୟ ହାରରେ ଡିଏସିପି ଓ ଏନ୍ପିଏ, ନିଃଶୁଳ୍କ, ନିରାମୟ ଓ ନିରନ୍ତର (୨୪ଘଂ୭) ପ୍ରାଣୀ ଚିକିତ୍ସା ସେବା ଯୋଗାଇଦେବା ସମ୍ପର୍କରେ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ତରଫରୁ ବିଗତ ଦିନମାନଙ୍କରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଅବହେଳା ଏବଂ ଉଦାସୀନତା ମନୋଭାବ ଯୋଗୁଁ ପ୍ରାଣୀ ଚିକିତ୍ସକମାନଙ୍କ ସମୂହ ଛୁଟି ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହାଦ୍ୱାରା ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି ଗରିବ ଚାଷୀ ଏବଂ ପ୍ରାଣୀ ପାଳକ। ସେମାନେ ନିଜର ଗୃହପାଳିତ ଗାଈ, ଛେଳି, ମେଣ୍ଢା, କୁକୁଡା ଓ କୁକୁରମାନଙ୍କର ଆପତକାଳୀନ ଚିକିତ୍ସା ପାଇବାରେ ବଞ୍ଚିତ ହେଉଛନ୍ତି। ବିଭିନ୍ନ ସଂକ୍ରାମକ ରୋଗର ସଠିକ୍ ନିରୂପଣ ଓ ଚିକିତ୍ସା ନିମନ୍ତେ ପ୍ରାଣୀ ଚିକିତ୍ସକମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସାଳୟ ତଥା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଡାକ୍ତରଙ୍କ ଅନୁପସ୍ଥିତି ହେତୁ ଚିକିତ୍ସା ସେବାରେ ଏକ ପ୍ରକାର ଠପ୍ ହୋଇଯାଇଛି। ଏଥିପ୍ରତି ସରକାର ଦୃଷ୍ଟି ନଦେଲେ ଆଗାମୀ ଦିନରେ ଜନ ଅସନ୍ତୋଷ ତୀବ୍ର ହେବାରେ ଆଶଙ୍କା ରହିଛି। କୌଣସି ପଦକ୍ଷେପ ନ ନେଲେ ବହୁଶୀଘ୍ର ଜିଲ୍ଲାର ସମସ୍ତ ପ୍ରାଣୀ ପାଳକ, ଚାଷୀ, ଗୋ-ପାଳକ, ପ୍ରାଣୀସେବା ସଂଗଠନ, ସମାଜସେବୀ ଓ ବୁଦ୍ଧିଜୀବୀମାନେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ମୋ ଜଙ୍ଗଲ ଜମି ପ୍ରଶିକ୍ଷଣ ଶିବିର

**ଗଁଦିଆ, ୧୯।୧(ସମିସ):** ଢେଙ୍କାନାଳ ଜିଲ୍ଲାଗନ୍ଦିଆ ବ୍ଲକରେ ମୋ ଜଙ୍ଗଲ ଜମି ଅଧିକାର ସମ୍ପର୍କୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ଜନସାଧାରଣ କିଭଳି ସହଜରେ ଅଧିକାରପତ୍ର ପାଇପାରିବେ ସେ ସମ୍ପର୍କିୟ ଏକ ତାଲିମ ଅନୁଷ୍ଠିତ ହୋଇଯାଇଛି। ଗନ୍ଦିଆ ବ୍ଲକର ୨୯ଟି ପଞ୍ଚାୟତରେ ମୋଟ ୧୧୪ଟି ଗ୍ରାମରେ ବସବାସ କରୁଥିବା ଆଦିବାସୀଙ୍କ ସୁବିଧା ପାଇଁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ଅଧିକାର ପତ୍ର ମିଳିବା ପାଇଁ ମୋଟ ୧୪ଜଣ ସେଚ୍ଛାସେବୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇଅଛି। ଏଥିରେ ଗନ୍ଦିଆ ମଙ୍ଗଳ ଅଧିକାରୀ ମନୋରଞ୍ଜନ ସାହୁ, ମାଷ୍ଟର ଟ୍ରେନର ଶୁଭ୍ରଜିତ ସାହୁ, ମୋବିଲାଇଜର ମାନସ ରଞ୍ଜନ ଜେନା, ସିଆରପି ଶେଷଦେବ ସାହୁ, ରମାକାନ୍ତ ସାହୁ, ଅଶୋକ ପତି ଯୋଗଦାନ କରିଥିଲେ।

● କଳିଙ୍ଗା ଗ୍ରାମପଞ୍ଚାୟତରେ ଜନଅସନ୍ତୋଷ

## ବର୍ଷେ ନ ପୂରୁଣୁ ରାସ୍ତା ଫାଟି ଆଁ କଲାଣି






**ରାସୋଳ, ୧୯।୧(ସମିସ)**

ଗ୍ରାମାଞ୍ଚଳର ପ୍ରତି କଚ୍ଚା ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ରାଜ୍ୟ ସରକାର ବିଧିବିଧ ଭାବେ ଘୋଷଣା କରି ଗ୍ରାମପଞ୍ଚାୟତ ଏବଂ ପଞ୍ଚାୟତ ସମିତି ମାଧ୍ୟମରେ କଂକ୍ରିଟ ରାସ୍ତା ପାଇଁ ଅନୁଦାନ ପ୍ରଦାନ କରୁଛନ୍ତି। କିନ୍ତୁ ହିନ୍ଦୋଳ ବ୍ଲକରେ କନିଷ୍ଠ ଯନ୍ତ୍ରୀଙ୍କ ଅବହେଳା ଯୋଗୁ ୬ ମାସରୁ ଏକ ବର୍ଷ ଭିତରେ ରାସ୍ତାଗୁଡିକ ଫାଟିଯାଉଥିବା ଦେଖିବାକୁ ମିଳୁଛି। ହିନ୍ଦୋଳ ବ୍ଲକ କଳିଙ୍ଗା ଗ୍ରାମପଞ୍ଚାୟତରେ ନିର୍ମାଣ ହୋଇଥିବା କଳିଙ୍ଗାଠାରୁ ଅଁଳାବେଢ଼ା ରାସ୍ତା ଆଜକୁ ଏକ ବର୍ଷ ପୂରି ନଥିଲେ ମଧ୍ୟ ଫାଟି ଯାଇଥିବା ଦେଖିବାକୁ ମିଳିଛି। କଳିଙ୍ଗା ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସିଲାରାଣୀ ସାହୁ କାର୍ଯ୍ୟ ସମୟରେ ଉପସ୍ଥିତ ରହୁନଥିବାରୁ ଠିକାଦାର ମନ ମୁତାବକ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା। ମାତ୍ର କାର୍ଯ୍ୟ ଠିକ ହେଉଛି କହି କନିଷ୍ଠ ଯନ୍ତ୍ରୀ ଏଡ଼ାଇ ଦେଇଥିଲେ ଓ କଂକ୍ରିଟ ରାସ୍ତା ନିର୍ମାଣ ବେଳେ ମାତ୍ର ୧୫ ମିନିଟ ରହି ଫଟୋ ଉଠାଇ ଉପରିସ୍ଥ ଅଧିକାରୀଙ୍କୁ ପ୍ରମାଣ ଦେଖାଇ ଚୁପ ହୋଇ କାର୍ଯ୍ୟ ସ୍ଥାନରୁ ଚାଲିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ସୃଜନଶୀଳତା ଉତ୍ସବ ପାଳିତ

**ଗଁଦିଆ, ୧୯।୧ (ସମିସ) :** ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକର ପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ ଷଡ଼ଙ୍ଗୀରେ ସୃଜନଶୀଳତା ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ସ୍ମାର୍ଟ୍ ଶ୍ରେଣୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଷଡ଼ଙ୍ଗୀ ଗ୍ରାମ ପଞ୍ଚାୟତ ସମ୍ବିତ କୁମାର ଓଝା କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ବିଦ୍ୟାଳୟର ପ୍ରାକ୍ତନ୍ ଛାତ୍ର ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ। ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା, କ୍ରୀଡ଼ାଙ୍ଗନା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ହିନ୍ଦୀ ଶିକ୍ଷକ ରମାକାନ୍ତ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଶ୍ରିନିବାସ ସାହୁ, ଶିକ୍ଷୟିତ୍ରୀ ଚିନ୍ମୟୀ ଦେହୁରୀ, ସୁକାନ୍ତି ଭୋଇ, ଶିକ୍ଷକ ସ୍ମୃତିରଞ୍ଜନ ବାରିକ, ଶ୍ରୀକାନ୍ତ ନାୟକ, ଅଜୟ କୁମାର ସାହୁ, କର୍ମଚାରୀ ଲକ୍ଷ୍ମୀଧର ବେହେରା, ଭରତ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

## ବିଘ୍ନ ବିନାଶନ ଯୁବକ ସଂଘ ପକ୍ଷରୁ ସାଂସ୍କୃତିକ ଉତ୍ସବ



**ଢେଙ୍କାନାଳ, ୧୯।୧ (ସମିସ):** ଢେଙ୍କାନାଳ ସଦର ବ୍ଲକ ତରଭା ଗ୍ରାମଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଘ୍ନ ବିନାଶନ ଯୁବକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଘ୍ନ ବିନାଶନ ଯୁବକ ସଂଘ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତରଭା ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରତିମା ବେହେରା, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ବିଆର୍ସି ନିରାକର ବେହେରା, ସମାଜସେବୀ ବିରଞ୍ଚି ବେହେରା, ସଭାପତି ରବିନାରାୟଣ ସ୍ୱାଇଁ, ଭଗବାନ ନାୟକ, ସନ୍ତୋଷ ସାହୁ, ରୁଦ୍ର ନାରାୟଣ ଷଡଙ୍ଗୀ, ରମେଶ ଦାସ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଟଙ୍କଧର ରାଉତ ସଭାପତିତ୍ୱ କରିଥିବା ବେଳେ ଦେବୀ ପ୍ରସାଦ ନାୟକ ଉତ୍ସବକୁ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ନାଗପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଶିକ୍ଷକ ଅଭାବ ପ୍ରତିବାଦରେ ବିଦ୍ୟାଳୟ ଫାଟକରେ ତାଲା

ବାଲିକୁଦା, ୧୯।୧(ସମିସ): ବାଲିକୁଦା ବ୍ଲକ ଶିକ୍ଷା ଅଧୀନ ନାଗପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରଛାତ୍ରୀ ମାନେ ପାଠ ପଢ଼ାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବାଦରେ ଶୁକ୍ରବାର ଉକ୍ତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ବିଦ୍ୟାଳୟରେ ତାଲା ପକାଇବା ସହ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

ସୂଚନା ଅନୁଯାୟୀ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୨ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ମୋଟ ୪ ଜଣ ଶିକ୍ଷୟିତ୍ରୀ ଥିବାବେଳେ ୨ଜଣ ଶିକ୍ଷୟିତ୍ରୀରେ ଚାଲିଛି ଶିକ୍ଷାଦାନ। କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ବଳ ଓ ସହକାରୀ ଶିକ୍ଷୟିତ୍ରୀ ପ୍ରଭାତୀ ରାଉତ ପ୍ରଥମରୁ ୮ମଶ୍ରେଣୀ ଛାତ୍ର/ଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି। ଫଳରେ ଶିକ୍ଷାଦାନରେ ସମସ୍ୟା ହେଉଥିବା କହିଛନ୍ତି ଅଭିଭାବକ। ସମସ୍ୟା ସମ୍ପର୍କରେ ପୂର୍ବରୁ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭେଟି ଶିକ୍ଷକ ପଦବୀ ପୂରଣ ଲାଗି ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଶେଷରେ ଶୁକ୍ରବାର



ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। କାର୍ଯ୍ୟରତ ୨ ଶିକ୍ଷକ ମଧ୍ୟ ବିଦ୍ୟାଳୟ ମଧ୍ୟରେ ପ୍ରବେଶ କରିନପାରି ବାହାରେ ଦୀର୍ଘ ସମୟ ଅପେକ୍ଷା କରି ରହିଥିଲେ। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବଳ ସିଆରସିସି ପ୍ରବୀର ଲେଙ୍କାଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ଉପରିସ୍ଥ ଅଧିକାରୀ ଆସି ନଥିଲେ। ଏଣୁ ଅପରାହ୍ନ ୪ଟାପରେ ଉଭୟ ଅଭିଭାବକ, ଛାତ୍ରଛାତ୍ରୀ ଓ କାର୍ଯ୍ୟରତ ଶିକ୍ଷୟିତ୍ରୀ ନିଜ ନିଜ ଘରକୁ ଫେରିଥିଲେ। ଆସନ୍ତା ୩ଦିନ ଧରି ବିଦ୍ୟାଳୟ ଛୁଟି ରହୁ ଥିବାରୁ ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ କରାଯିବ ବୋଲି ଅଭିଭାବକମାନେ କହିଛନ୍ତି। କୌଣସି ଅଧିକାରୀ ଘଟଣାସ୍ଥଳକୁ ନ ଆସିବା ବାଲିକୁଦା ଶିକ୍ଷା ବିଭାଗର ଦୋଷ ଦୁର୍ବଳତାକୁ ପଦାରେ ପକାଇଛି। ବିଦ୍ୟାଳୟରେ ୪ ଜଣ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ଦୁଇ ଶିକ୍ଷୟିତ୍ରୀ ରେଣୁକା ମଞ୍ଜରୀ ସାହୁ ଓ ସରିତା ତ୍ରିପାଠୀ କୌଣସି କାରଣ ପାଇଁ ଦୀର୍ଘ ୫ ମାସ ହେବ ଛୁଟିରେ ଅଛନ୍ତି। ଏଣୁ ଦୁଇ ଜଣ ଶିକ୍ଷୟିତ୍ରୀଙ୍କ ଉପରେ ୮ ଟି ଶ୍ରେଣୀ ଦାୟିତ୍ୱ। ଶିକ୍ଷକ ନିଯୁକ୍ତି ଦାବିରେ ପରିଚାଳନା କମିଟି ସଭାପତି ସୁଚିତ୍ର ସ୍ୱାଇଁ, ଉପସଭାପତି ଅମ୍ବିକା ପ୍ରସାଦ ବିଶ୍ୱାଳ, ଅଭିଭାବକ ଶାରଦା ପ୍ରସନ୍ନ ବିଶ୍ୱାଳ, ଆରତୀ ବିଶ୍ୱାଳ, ପ୍ରଶାନ୍ତି ସେଠି, ସୌଦାମିନି ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ମଲିକ, ଝୁମିତା ମଲିକ, ମଧୁମିତା ବିଶ୍ୱାଳ, ରୋଜାଲିନ ସ୍ୱାଇଁ, ପ୍ରଶାନ୍ତ ସାହୁ ପ୍ରମୁଖ ଦାବି କରିଛନ୍ତି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ କିମ୍ବା ସିଆରସିସିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ‘ଦୀନବନ୍ଧୁ ଥିଲେ ଜଣେ ଆଦର୍ଶ ସାମ୍ୟବାଦୀ’

କୁଜଙ୍ଗ, ୧୯।୧(ସମିସ): ବିଶିଷ୍ଟ ସାମ୍ୟବାଦୀ ଜନନେତା କୁଜଙ୍ଗ ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଦୀନବନ୍ଧୁ ତରାଇଙ୍କର ୨୫ତମ ଶ୍ରାଦ୍ଧ ବାର୍ଷିକୀ ନିଜ ଜନ୍ମମାଟି ମଙ୍ଗରାଜପୁରରେ ଦୀନବନ୍ଧୁ ତରାଇ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବାମପନ୍ଥୀ ନେତା ଶିକ୍ଷାବିତ୍ ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ତଥା ବିଜେଡି ଜିଲ୍ଲା ଉପଦେଷ୍ଟା ଡା. କୁଳମଣି ସାମଲ ଯୋଗଦେଇ ଦୀନବନ୍ଧୁ ତରାଇ ରାଜନୀତିକୁ ସମାଜସେବାର ମାଧ୍ୟମ ବାଛି ନେଇ ଭୂ ସଂସ୍କାର ଆଇନ, ଭାଗ ଚାଷୀ ଆଇନ ଆଣିବାରେ ଯେଉଁ ଦୁର୍ବାର ସଂଗ୍ରାମ କରିଥିଲେ ତାହା ଆଜି ଉପକୂଳ ଓଡ଼ିଶା ନୁହେଁ ସାରା ରାଜ୍ୟକୁ ଉଦ୍‌ବୃଦ୍ଧ କରିଛି। ନିଜ ପରିବାରକୁ ତୁଚ୍ଛ କରି ସମ୍ୟାବାଦ, ସମାଜସେବା ଜୀବନର ଦୁଇଟି ବ୍ରତକୁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଆପଣାଇ ଦଳୀୟ ଓ ରାଜନୈତିକ ପଦପଦବୀ ପାଇ ମଧ୍ୟ ସରଳ ଓ ମୂଲ୍ୟବୋଧ ଜୀବନ ଆପଣାଇ ଅନ୍ୟ ମାନଙ୍କ ପାଇଁ ଆଦର୍ଶ ଛାଡିଯାଇଛନ୍ତି। ଏହି ଅବସରରେ ସମ୍ପାଦକ ଅନଙ୍ଗ ମହାପାତ୍ର ବିବରଣୀ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦେଶ୍ୟ ବର୍ଣ୍ଣନା କରିଥିବା ବେଳେ କମ୍ରେଡ୍ ଗୋପୀନାଥ ସାମଲ, କୈବର୍ତ୍ତ ନେତା ସୁଧାଂଶୁ ମହାପାତ୍ର, ବରି ମାଝି, ବରିଷ୍ଠ ସାମ୍ବାଦିକ ଚିତ୍ତ ସ୍ୱାଇଁ, ପୂର୍ବତନ ସାଂସଦ ଡ. ବିଭୂ ପ୍ରସାଦ ତରାଇ, ଅରକ୍ଷିତ ସ୍ୱାଇଁ, ରବି ମହାପାତ୍ର, ନୀରଞ୍ଜନ ସାହୁ, ପୁରୁଷୋତ୍ତମ ସ୍ୱାଇଁ, ଅଜୟ ବେହେରା, ଶିକ୍ଷାବିତ୍ତ ନବୀନ ପ୍ରଧାନ କବିତା ପାଠ କରିଥିଲେ। ନବ ନିର୍ମାଣ କୃଷକ ସଂଗଠନର ନେତା ବିଭୁତି ଭୁଷଣ ଜେନା ଯୋଗ ଦିବଂଗତ ଦୀନବନ୍ଧୁଙ୍କୁ ଦୀନଜନ ବନ୍ଧୁ ବୋଲି କହି ତାଙ୍କ ସଂଗ୍ରାମୀ ଜୀବନ ଆଜି କୁଜଙ୍ଗ ବାସୀଙ୍କୁ ଉଦ୍‌ବୃଦ୍ଧ କରୁଛି ବୋଲି କହିଥିଲେ। କ୍ଷୀରୋଦ ଚନ୍ଦ୍ର ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ‘ନୂଆ-ଓ’ ଜିଲ୍ଲାସ୍ତରୀୟ ହକି; ଡିଏଭି ପିପିଏଲ୍ ବିଜୟୀ

ପାରାଦ୍ୱୀପ, ୧୯।୧(ସମିସ): ଡିଏଭି ପବ୍ଲିକ ସ୍କୁଲ ପିପିଏଲ୍ ଠାରେ ଆଜି ‘ନୂଆ-ଓ’ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ ହକି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ



ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏଭି ପିପିଏଲ ସ୍କୁଲର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଓ ଜିଲ୍ଲା କ୍ରୀଡା ଅଧିକାରିଣୀ ଖେଳାଳିମାନଙ୍କୁ ତାଙ୍କ ଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ। ଏହି ଜିଲ୍ଲାସ୍ତରୀୟ ମହିଳା ହକି ପ୍ରତିଯୋଗିତା ପାରାଦୀପ ପୌରପାଳିକାର ତିନୋଟି ମହିଳା ହକି ଦଳ ତଥା ଜଗତସିଂହପୁରର ଗୋଟିଏ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମହିଳା ହକି ପ୍ରତିଯୋଗିତାରେ ଡିଏଭି ପିପିଏଲ ର ‘ଏ’ ଦଳ ଚାମ୍ପିଅନ ହୋଇଥିଲେ ଓ ଡିଏଭି ପିପିଏଲର ‘ବି’ ଦଳ ଦ୍ୱିତୀୟ ଓ ଡିଏଭି ପିପିଏଲର ‘ସି’ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ଜଗତସିଂହପୁରର ବଟ ବିହାରି ହକି ଦଳକୁ ଚତୁର୍ଥ ସ୍ଥାନ ମିଳିଥିଲା। ଏହି ଖେଳକୁ ସୁମିତ ଲାକ୍ରା, ବିନୟ ଖିଲାର, ସମ୍ବିତ ବିଶ୍ୱଭୂଷଣ, ଅଙ୍କିତ ବେହେରା, ସାଇ ସୂର୍ଯ୍ୟନ୍ସ, ଖିତିସ ସ୍ୱାଇଁ ପରିଚାଳନା କରିଥିଲେ। ଏହି ଜିଲ୍ଲା ସ୍ତରୀୟ ମହିଳା ହକି ପ୍ରତିଯୋଗିତାଟି ଡିଏଭି ପିପିଏଲର ମୁଖ୍ୟ କ୍ରୀଡ଼ା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଚାରୁ ରୁପେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗୀତାକୁ ସଫଳ କରିବା ପାଇଁ ପିପିଏଲ ପାରାଦୀପ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ମା’ ଷଷ୍ଠୀଦେବୀଙ୍କ ବାର୍ଷିକ ଉତ୍ସବ

ମଣିଜଙ୍ଗା, ୧୯।୧(ସମିସ): ତିର୍ତ୍ତୋଲ ବ୍ଲକର ବୋଧେଇ ଗ୍ରାମପଞ୍ଚାୟତର ଗୋବିନ୍ଦ ମହାନ୍ତି, ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଷଷ୍ଠୀଦେବୀଙ୍କ ୧୩ତମ ବାର୍ଷିକ ଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏ ଅଞ୍ଚଳର ଜନସାଧାରଣ ମା’ଙ୍କ ପାଖରେ ଯାହା ମାନସିକ କରନ୍ତି ତାହା ପାଇପାରନ୍ତି। ତାଙ୍କର ଏହି ଉତ୍ସବରେ ବୋଧେଇ ପିପ୍ପଳମାଧବ ହଜାର ହଜାର ଜନସାଧାରଣ ଏହି ନାମଯଜ୍ଞରେ ଯୋଗଦେଇଥିଲେ ଓ ପ୍ରସାଦ ସେବନ କରିଥିଲେ।

### କୁଜଙ୍ଗ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ‘ବିଶର ମହାନ୍ତିଙ୍କ ସ୍ମୃତିରକ୍ଷା ପାଇଁ ଉଦ୍ୟମ ହେଉ’

କୁଜଙ୍ଗ, ୧୯।୧(ସମିସ): ଜଗନ୍ନାଥ ସଂସ୍କୃତି ସହ ଭକ୍ତ ବିଶର ମହାନ୍ତିଙ୍କ ତ୍ୟାଗ ଓ ସମର୍ପଣର ଭାବ ଏକ ବିରଳ ଘଟଣା। ଗୋଟିଏ ଜାତି ପାଇଁ ସେ କରିଥିବା ମହନୀୟ ସେବାକୁ ଏହି ଜାତି କଦାପି ଭୁଲି ପାରିବ ନାହିଁ। ଓଡିଆ ଅସ୍ମିତା କଥା ଓ




ଜଗନ୍ନାଥ ଚେତନା କଥା ଆସିଲେ ଯେଉଁ କେତେଜଣଙ୍କ କଥା ମନକୁ ଆସେ ସେଥିମଧ୍ୟରୁ ଭକ୍ତ ବିଶର ମହାନ୍ତି ପ୍ରମୁଖ ଭାଗରେ ରହିବେ। ମାତ୍ର ଉପକୂଳ ଅଞ୍ଚଳର ଏହି ଅନନ୍ୟ ଭକ୍ତଙ୍କ ସେବା ଓ ତ୍ୟାଗ ଏବେ ହଜି ଯିବାକୁ ବସିଥିବା ବେଳେ ତାଙ୍କ ସ୍ମୃତି ରକ୍ଷା ପାଇଁ ଯେତିକି ଉଦ୍ୟମ ହେବା କଥା ତାହା ହୋଇ ନାହିଁ ବୋଲି କୁଜଙ୍ଗ ଲୋକ ମହୋତ୍ସବରେ ମତ ପ୍ରକାଶ ପାଇଛି। ଚତୁର୍ଥ ସନ୍ଧ୍ୟାରେ କୁଜଙ୍ଗ ପ୍ରେସ କ୍ଲବର ସମ୍ପାଦକ ଦୁଷ୍ମନ୍ତ ମାଝିଙ୍କ ଅଧ୍ୟକ୍ଷତାରେ ରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିରୁପେ ପଦ୍ମଶ୍ରୀ ଡ. ପ୍ରଭାକର ମହାରଣା ଯୋଗଦେଇ ନିହଣର ଭାଷା କଲମର ଭାଷଠୁ ଅଧିକ ସୁନ୍ଦର ଓ ରସମୟ ହୋଇପାରେ ମାତ୍ର ଏଥିପାଇଁ ମନ ଓ ହୃଦୟର ସଂଯୋଗ ଜରୁରୀ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବରେ ଓଡ଼ିଶା ସାହିତ୍ୟ ଏକାଡେମି ପୁରସ୍କାର ପ୍ରାପ୍ତ କବି ପୀତାମ୍ବର ତରାଇ ବକ୍ତବ୍ୟ ପ୍ରଦାନ କରି ଜଗନ୍ନାଥ ସଂସ୍କୃତର ମହାନ ରକ୍ଷକ କୁଜଙ୍ଗ ଅଞ୍ଚଳର ବିସର ମହାନ୍ତିଙ୍କର ସ୍ମୃତି ରକ୍ଷା ପାଇଁ ଦାବି କରିଥିଲେ। ସେ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ସହିତ କୁଜଙ୍ଗ ଗଡ଼କୁଜଙ୍ଗ ରାସ୍ତାକୁ ବିସର ମହାନ୍ତି ସଡକ ନାମରେ ନାମିତ କରିବାକୁ ପ୍ରସ୍ତାବ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥିଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସେନାପତି, ସମାଜସେବୀ ଅରୁଣ ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରୋଜାଲିନ ମଞ୍ଚ ସଂଯୋଜନା କରିଥିଲେ। ବିଚିତ୍ରାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସେହିପରି ପଞ୍ଚମ ସନ୍ଧ୍ୟାରେ ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ମନ୍ଦାକିନୀ କର, ମୁଖ୍ୟ ବକ୍ତା ରୂପେ ନିଳାଦ୍ରୀ ବିହାରୀ ମହାନ୍ତି, ସମ୍ମାନୀତ ଅତିଥି ରୂପେ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ସମ୍ପାଦକ ତଥା ସାରଳା ମଣ୍ଡଳ କୈବର୍ତ୍ତ ମହାସଭାର ଜିଲ୍ଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ବେହେରା ଯୋଗଦେଇ କୁଜଙ୍ଗର ବୀରତ୍ୱ, ଐତିହ୍ୟର ମହାନତା ବଖାଣି ଏହାର ସମୃଦ୍ଧି ଓ ସୁରକ୍ଷାର ପ୍ରସଙ୍ଗ ଉଠାଇଥିଲେ। ରଘୁନାଥ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ପୂର୍ବତନ ସରପଞ୍ଚ କୈଳାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବଦଳିଲେ ଜଗତସିଂହପୁର ପୌର ନିର୍ବାହୀ ଅଧିକାରୀ

ଜଗତସିଂହପୁର, ୧୯।୧(ସମିସ): ଗୃହ ଓ ସହର ଉନ୍ନୟନ ବିଭାଗ ପକ୍ଷରୁ ଆଜି ବିଭିନ୍ନ ପ୍ରଶାସନିକ ଅଧିକାରୀ ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଥିବା ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ଜଗତସିଂହପୁର ପୌରପରିଷଦର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ବାଲେଶ୍ୱର ଜିଲ୍ଲାର ନୀଳଗିରି ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଥିବା ଅକ୍ଷୟ କୁମାର ବଡୁ ଜଗତସିଂହପୁର ପୌରପରିଷଦର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ଯୋଗଦେବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ଜଗତସିଂହପୁର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଥିବା ଡ଼. ଅଶୋକ କୁମାର କର୍ଣ୍ଣଙ୍କୁ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ବଦଳି ହୋଇଥିବା ନେଇ ସୂଚନା ମିଳିଛି।

### ● ଆଇରନ ଟ୍ରକ୍‌ରୁ ଡକାୟତି ଯୋଜନା ପଣ୍ଡ

## ୪ ଗିରଫ, ଖଣ୍ଡା, ଭୁଜାଲି ଓ ଦୁଇ ବାଇକ୍ ଜବତ

ପାରାଦୀପ, ୧୯।୧(ସମିସ): ବର୍ଷ ବର୍ଷ ଧରି ଜାତୀୟ ରାଜପଥ-୫୩ ରେ ଚାଲିଥିବା ଲୁହାପଥର ବୋଝେଇ ଟ୍ରକକୁ ଟାର୍ଗେଟ କରି ଲୁଟ୍ କରୁଥିବା ଏକ ଗ୍ୟାଙ୍ଗକୁ କାବୁ କରିଛି ପାରାଦୀପ ଲକ୍ ଥାନା ପୁଲିସ। ପୁଲିସ ଆଖିରେ ଧୂଳି ଦେଇ ରାତିରେ ଏହି ଲୁଟେରା ମାନେ ବିଭିନ୍ନ ସମୟରେ ଟ୍ରକ ଡ୍ରାଇଭରଙ୍କୁ ଭୟଭୀତ କରାଇ ସେମାନଙ୍କ ନିକଟରୁ ଟଙ୍କା ଓ ମୋବାଇଲ ଲୁଟ କରିଥାନ୍ତି।



ଗତକାଲି ରାତି ପ୍ରାୟ ୨ଟା ୩୦ରେ ଏଏସ୍‌ଆଇ ଦୀନବନ୍ଧୁ ଓଝାଙ୍କ ନେତୃତ୍ୱରେ ଏକ ଟିମ୍ ଲକଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ୪ ରୁ ୫ ଜଣ ଲୋକ ଆଇରନ ଟ୍ରକରୁ ଡକାୟତି ପାଇଁ ମାରଣାସ୍ତ୍ର ଧରି ସିଙ୍ଗିଟାଲି ବ୍ରିଜ ନିକଟରେ ଏକାଠି ହୋଇଥିବା ଖବର ମିଳିଥିଲା। ପୁଲିସ ଟିମ ତୁରନ୍ତ ଘଟଣାସ୍ଥଳ ଅଭିମୁଖେ ଯାଇ ୪ରୁ ୫ଜଣ ବ୍ୟକ୍ତି ସିଙ୍ଗିତାଲି ବ୍ରିଜ ତଳେ ବସିଥିବା ଦେଖି କାବୁ କରିନେଇଥିଲେ। ଜଣେ ଅନ୍ଧାରର ସୁଯୋଗ ନେଇ ଦୌଡି ପଳାଇ ଥିଲା। ସେମାନେ ହେଲେ ଲକଥାନା ଅଞ୍ଚଳ ଝିମାଣି ଗ୍ରାମର ସୁରେଶ ଦାସ (୨୮), ଏରସମା ଥାନା ଅଞ୍ଚଳ ଗଡ଼ବିଷନପୁରର ଦିଲୀପ ଜେନା (୪୦), ଅଭୟଚାନ୍ଦପୁର ଥାନା ଅଧିନ ବଗଦିଆର ବିଜ୍ଞାନ ମାଝୀ ଓ କୁଜଙ୍ଗ ଥାନା ଅଧିନ ବଡଙ୍ଗର ହିମାଂଶୁ ଶେଖର ପରିଡ଼ା (୨୨)। ସେମାନେ ଲୁହାପଥର ବୋଝେଇ ଟ୍ରକ୍‌ରୁ ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ପୁଲିସ ନିକଟରେ ମାନିଥିଲେ। ସେମାନଙ୍କ ନିକଟରୁ ଖଣ୍ଡା, ଭୁଜାଲି, ଲାଠି ଓ ନମ୍ବର ନଥିବା ଦୁଇଟି ବାଇକ ଜବତ କରାଯାଇଥିଲା। ୪ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

### ● ଏସ୍‌ଭିଏମ୍‌ରେ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନାଚକ୍ର

## ‘ଶ୍ରୀଜଗନ୍ନାଥ ସଂସ୍କୃତିରେ ଶାନ୍ତି, ମୈତ୍ରୀ, ସଂହତିର ଧାରା ପ୍ରବାହିତ ହେଉଛି’



ଜଗତସିଂହପୁର, ୧୯।୧(ସମିସ): ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପରିପ୍ରେକ୍ଷୀରେ ‘ନୂଆ-ଓ’ ପକ୍ଷରୁ ଓଡିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସଂକ୍ରାନ୍ତ ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତି ହେଉଛି ବିଶ୍ୱର ଏକମାତ୍ର ସଂସ୍କୃତି, ଯାହାର ଅନ୍ତରାଳରେ ଶାନ୍ତି, ମୈତ୍ରୀ, ସଂହତି ଓ ବିଶ୍ୱ ଭାତ୍ତୃତ୍ୱର ପବିତ୍ର ପାବନୀ ଧାରା ପ୍ରବାହିତ ହେଉଛି ବୋଲି ଓଡିଶୀ ନୃତ୍ୟ ଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ ଓ ଶରଣାରବିନ୍ଦ ଓଝା ମତବ୍ୟକ୍ତ କରିଛନ୍ତି। ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଗନ୍ନାଥ ସଂସ୍କୃତି ଓ ମାନବିକତା ଶୀର୍ଷକ ଆଲୋଚନାରେ କଲେଜର ଅଧ୍ୟକ୍ଷ ବିଜୟ କୁମାର ପାତ୍ର ସଭାପତିତ୍ୱ କରି ଜଗନ୍ନାଥ ସଂସ୍କୃତି ଓଡ଼ିଶାର ଗର୍ବ-ଗୌରବ ତଥା ଧାର୍ମିକ ଅନୁଷ୍ଠାନର ହୃତପିଣ୍ଡ ବୋଲି ଦର୍ଶାଇଥିଲେ। ମୁଖ୍ୟବକ୍ତା ଭାବେ ଡ.ସାହାଣୀ ଜଗନ୍ନାଥଙ୍କ ଉପରେ ନିଜର ଅନୁଭୂତି ବଖାଣିବା ସହ ଚିତ୍ତାକର୍ଷକ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀ ଓଝା ଜଗନ୍ନାଥ ସଂସ୍କୃତି ବିଷୟରେ ବର୍ଣ୍ଣନା କରିଥିଲେ। ଏହିଅବସରରେ ‘ନୂଆ-ଓ’ କାର୍ଯ୍ୟକ୍ରମର ଯୁକ୍ତ ୩ ନୋଡାଲ ଅଫିସର ଡ. ଜ୍ୟୋତିରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ଓ ଓଡିଆ ଭାଷା ଉପରେ ଆଲୋକପାତ କରିଥିଲେ। ଯୁକ୍ତ୨ ନୋଡାଲ ଅଫିସର ଶୁଭେନ୍ଦୁମୌଳି ନନ୍ଦ ଧନ୍ୟବାଦ ଦେଇଥିଲେ। ଶେଷରେ ଯୁକ୍ତ୨ ଓ ଯୁକ୍ତ୩ ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା।

## ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ



ପାରାଦୀପ, ୧୯।୧(ସମିସ): ଆଜି ପୂର୍ବାହ୍ନରେ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟ, ପାରାଦୀପ ଗଡ଼ ପରିସରରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଗଡ଼ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ଉଦଘାଟନ କରିବା ସହିତ ଓଡିଆ ଭାଷା ଓ ସାହିତ୍ୟ ର ମଧୁରତା ଓ ମହନୀୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବିଷ୍ଣୁ ଚରଣ ମଙ୍ଗରାଜ, ଜୀବନ ଧନ ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମନୋରଞ୍ଜନ ସାହୁ ଯୋଗ ଦେଇ ଭାଷା ଓ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ମହାପାତ୍ର, ଫକୀର ଚରଣ ତରାଇ, ପ୍ରଭାତ ନଳିନୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ନାଉଗାଁ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ନାଉଗାଁ, ୧୯।୧(ସମିସ): ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ନାଉଗାଁ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ସମିତିର ସମ୍ପାଦକ ଜ୍ୟୋତିପ୍ରକାଶ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଧାନକ୍ରୟ କମିଟିର ସଭାପତି ଅନୀଲ



କୁମାର ଲେଙ୍କା, ନାଉଗାଁ ଯୋଗାଣ ବିଭାଗ ନିରୀକ୍ଷକ ମୋଚିରାମ ଦାସ ଯୋଗଦାନ କରି ଏହି ମଣ୍ଡିକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଧାନ କ୍ରୟ କମିଟିର ସଭ୍ୟ ଭାନୁପ୍ରତାପ ବାରିକ, କେଦାର ଚରଣ ନାୟକ, ଅଜୟ କୁମାର ମହାନ୍ତି, ଅଭୟ ଲେଙ୍କା, ଗୋପାଳ ଚରଣ ସାହାଣୀ, ଚାଷୀ ବିଜୟ କୁମାର ମହାନ୍ତିଙ୍କ ସମେତ ଅନ୍ୟ ଚାଷୀମାନେ ଉପସ୍ଥିତ ରହିଥିଲେ।

ଏହି ସମିତିରେ ପ୍ରଥମ ଦିନରେ ୨୨ ଜଣ ଚାଷୀଙ୍କଠାରୁ ୬ ହଜାର ୫ ଶହ କ୍ୟୁଣ୍ଟାଲ ଧାନ ସଂଗ୍ରହ ହେବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସମିତିର କର୍ମକର୍ତ୍ତା ବିରଞ୍ଚି କୁମାର ପରିଡ଼ା, ଅଜୟ କୁମାର ସ୍ୱାଇଁ, ବିକାଶ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ପୁସ୍ତକ ମେଳାର ପଞ୍ଚମ ସଂଧ୍ୟା

# ‘ପ୍ରତିଟି ଘରୁ ବହି ପଢ଼ିବା ଅଭ୍ୟାସ ଆରମ୍ଭ ହେଉ’

ଜଗତସିଂହପୁର, ୧୯।୧(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକ ମେଳାର ପଞ୍ଚମ ସଂଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ ସଭ୍ୟା ଡ. ଜ୍ୟୋତିର୍ମୟୀ ମହାନ୍ତି ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର କହିଲେଯେ, ପ୍ରତିଟି ଘରୁ ବହି ପଢ଼ିବା ଅଭ୍ୟାସ ଆରମ୍ଭ ହେଉ। କାରଣ ବହି ପଢ଼ିଲେ ମସ୍ତିଷ୍କର ବିକାଶ ହୁଏ। ବ୍ୟକ୍ତିର ବିଚାର, ବୁଦ୍ଧି ପରିପକ୍ୱ ହୁଏ। ଏଥିରେ ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ସାହିତ୍ୟିକ ଦୁର୍ଯୋଧନ କାଠୁଆ ଯୋଗଦେଇ ରୀତିଯୁଗୀୟ ସାହିତ୍ୟ ଉପରେ ଆଲୋଚନା କରିବା ସହିତ ଗୋପାଳକୃଷ୍ଣ ଓ ଦୀନକୃଷ୍ଣ ପଦାବଳୀର ବାଖ୍ୟା କରିଥିଲେ। ଏହି ଅବସରରେ ସେ ଓଡ଼ିଆ କାବ୍ୟ ସାହିତ୍ୟ ଉପରେ ବିଶେଷ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କୃଷ୍ଣ ପ୍ରସାଦ ଆଚାର୍ଯ୍ୟ ବେଦପାଠ କରିଥିବା ବେଳେ ପରିଷଦର ସଭ୍ୟା ଅନୁସୟା ଷଡ଼ଙ୍ଗୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ କୁମାର



ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆସର ଉତ୍ସର୍ଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ ପରିଷଦର ଉପଦେଷ୍ଟା ନଟବର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଉତ୍ସବରେ ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ପରିଶେଷରେ ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ ସଭ୍ୟା ସୁଷମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ‘ଅନୀତା ଦାସ ଫାଉଣ୍ଡେସନ୍ ଚାରିଟେବଲ୍ ଟ୍ରଷ୍ଟ, ବାଲିକୁଦା ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ, ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ, ଅନୀତା ଦାସ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସ, ନାଟ୍ୟକାର କୈଳାସ ଚନ୍ଦ୍ର ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। କୁଇଜ୍ କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର୍ ପ୍ରଦୀପ୍ତ କିଶୋର ଚୌଧୁରୀ ପରିଚାଳନା କରିଥିବା ବେଳେ ଦୁର୍ଯୋଧନ ମହାରଣା, ଅବିନାଶ ସ୍ୱାଇଁ ଓ ପ୍ରିୟବ୍ରତ ଦାସ ସହଯୋଗ କରିଥିଲେ। ଆଜି ଅପରାହ୍ନରେ ନାଟ୍ୟକାର ଡଃ କୈଳାସ ଚନ୍ଦ୍ର ମଲ୍ଲିକଙ୍କ ରଚିତ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପ୍ରାୟୋଜିତ ନାଟକ ‘ଆସନ୍ତୁ ଆମେ ଭୋଟ୍ ଦେବା‘ ଓ ଶ୍ରୀକୃଷ୍ଣ ଏକାଡେମୀ ଜୁନିୟର ରେଡ଼କ୍ରସ୍ ଦ୍ୱାରା ପରିବେଷିତ ନାଟକ ‘ଭାରତ ମା ର ପଣତ ତଳେ‘ ଉପସ୍ଥିତ ଦର୍ଶକଙ୍କ ମନୋମୁଗ୍ଧ କରିଥିଲା। ସଂଧ୍ୟାରେ ଛଉ ନୃତ୍ୟ ପ୍ରତିଷ୍ଠାନ, ମୟୁରଭଞ୍ଜ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହା ସହିତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ଦ୍ୱାରା ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମକୁ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଲବ କୁମାର ଚୌଧୁରୀ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି, ନରେଶ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, କାର୍ଯ୍ୟକାରିଣୀ ସଭ୍ୟ ସତ୍ୟବ୍ରତ ବିଶ୍ୱାଳ, ମାନସ୍ କୁମାର କାନୁନଗୋ, ମାନସ କୁମାର ରଥ, ମନୋଜ କୁମାର ଦାଶ, ସରୋଜ କୁମାର ସାହୁ, ଅବନୀକାନ୍ତ ମହାରଣା, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ମନୋଜ କୁମାର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

କାଳିକାପୁର ସୁଧାଂଶୁ ବିଶ୍ୱାଳ ହତ୍ୟା ଘଟଣାକୁ ୭ମାସ ବିତିଲା

# ପୁଲିସ ନିରବ; ଆଶା ହରାଇଲେଣି ପରିବାର

**ରାଜକନିକା, ୧୯।୧(ସମିସ):** ରାଜକନିକା ଥାନାର ମାତ୍ର ୧କିମି ଦୂର ଏବଂ ଏନଏଚ୍ ୨୦ ଜାତୀୟ ରାଜପଥର ଜନଗହଳିପୂର୍ଣ୍ଣ ଚେରଣ୍ଟପଡ଼ା ଛକରେ ଗତବର୍ଷ ଜୁଲାଇ ୧୦ ଅପରାହ୍ନ ୩ଟାରେ ଚଳନ୍ତା ସ୍କୁଟିରେ ସୁଧାଂଶୁ ନାମକ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ତଣ୍ଟିକାଟି ହତ୍ୟା କରାଯାଇଥିଲା। ଘଟଣାକୁ ୭ମାସ ବିତିଥିଲେ ମଧ୍ୟ ଘଟଣାର ଖିଅ ଖୋଜିବାରେ ବିଫଳ ହୋଇଛି ପୁଲିସ। ଖିଅ ପାଉନି ନା କାହା ଚାପରେ ଏହି ମାମଲାକୁ ଚାପି ଦିଆଗଲା ତାହା ଏବେ ପରିବାର ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଅନ୍ୟପଟେ ପୁଲିସ ଆଉ ଏହି ଘଟଣାରେ ସେତେଟା ତତ୍ପରତା ଦେଖାଉନାହିଁ। ଘଟଣା ପରେ ଥାନା ଅଧିକାରୀ ବଦଳି ହୋଇଥିଲେ। ଆଶା ଥିଲା ନୂଆ ଅଧିକାରୀ ଆସିବା ପରେ ତଦନ୍ତ ତ୍ୱରାନ୍ୱିତ ହେବ ଓ ହତ୍ୟାକାରୀ ଧରାପଡ଼ିବ। ମାତ୍ର ସମୟ ଗଡ଼ିବା ସହ ଏହି ଆଶା ବି ପରିବାର ଲୋକଙ୍କର ମଉଳିବାକୁ



ବସିଲାଣି। ପୁଲିସ ବିଭାଗର ଆଦୌ ଦାୟିତ୍ୱ ନ ଥିବା ଭଳି ଆଚରଣ ଦିନ ଦ୍ୱିପହରର ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡକୁ ଅନ୍ଧାରରେ ରଖି ଦେଇଛି। ୭ ମାସ ପରେ ବି ଏହି ହତ୍ୟାକାଣ୍ଡରେ ପୁଲିସ ହାତଖାଲି କରି ଅନ୍ଧାରରେ ବାଡ଼ି ବୁଲାଉଥିବାରୁ ମୃତକଙ୍କ ପରିବାର ସହ ସ୍ଥାନୀୟ ଲୋକେ ପୁଲିସ ଉପରୁ ଆସ୍ଥା ତୁଟାଇଛନ୍ତି। ମୃତକର ବାପା ସୁବାସ ବିଶ୍ୱାଳ ନିଜେ ଥାନାରେ ଏତଲା ଦେଇ ହତ୍ୟାକାଣ୍ଡ ପାଇଁ ତାଙ୍କ ସାନପୁଅର ପ୍ରେମିକାଙ୍କ ପରିବାରକୁ ସିଧାସଳଖ ଦାୟୀ କରିଥିଲେ। ମାତ୍ର ପୁଲିସ ସେମିତି କିଛି ଠୋସ ଉଦ୍ୟମ ନ କରି କେବଳ ଏତଲାରେ ଥିବା ଜନୈକ ଶିକ୍ଷକଙ୍କୁ ଅଟକ ରଖି ମୃତକର ନବବିବାହିତା ପତ୍ନୀ, ବାପା, ମା' ସାନଭାଇଙ୍କ ପଛରେ ପଡ଼ିବା ସେତେବେଳେ ମୂଳ ଘଟଣାରୁ ବିରତ ହେବା ଭଳି ପ୍ରତୀୟମାନ ହୋଇଥିଲା। ଗୋଟେ ପଟେ ମୃତକର ପରିବାରର ସିଧା ଅଭିଯୋଗ ଅନୁସାରେ ସାନ ପୁଅର ପ୍ରେମିକାଙ୍କ ପରିବାରର ପ୍ରରୋଚନାରେ ଏମିତି ସୁପାରୀ ଦେଇ ହତ୍ୟା ଅଭିଯୋଗ ଥିବା ସହ ସେଦିନ ମୃତକ ସୁଧାଂଶୁ ସାନଭାଇର ସାର୍ଟ ପିନ୍ଧିବା ସହ ସାନ ଭାଇର ସ୍କୁଟି ନେଇ ବଜାରରୁ ପରିବା କିଣି ଫେରୁଥିବା ବେଳେ ଆକ୍ରମଣ ହେବାରୁ ବାପା ସୁବାସ ଏଥିପାଇଁ ସିଧା ଅଭିଯୋଗ ବି କରିଥିଲେ। ଅନ୍ୟପକ୍ଷରେ ପୁଲିସ ସେହି କିଛିଦିନ ଅପରାଧୀକୁ ଖୋଜିବା ପରିବର୍ତ୍ତେ ମୃତକର ସାନଭାଇକୁ ପଚରାଉଚୁରା କରି ସମୟ ଗଡ଼ାଇ ଥିବାରୁ ହତ୍ୟାକାଣ୍ଡର କାରଣ ଓ ଅନ୍ୟାନ୍ୟ ଦିଗକୁ ନେଇ ତଦନ୍ତ ଶିଥିଳ ହୋଇଯାଇଥିଲା। ସେତେବେଳେ ପୁଲିସ ନିଜେ ଓ ସନ୍ଧାନୀ କୁକୁର ଧରି ଘନଘନ ମୃତକର ଘରକୁ ଯାଇ ଧମକଚମକ ଦେଇ ସନ୍ଦେହରେ ଥିବା ଭଳି ଆଚରଣ କେବଳ ହଟଚମଟ କରୁଥିବାରୁ ପ୍ରକୃତ କାରଣ ଖୋଜିବାକୁ ସାଧାରଣରେ ଥିବା ଉତ୍ସୁକତା ଏବେ ପ୍ରାୟ ଶିଥିଳ ହୋଇଯାଇଛି। ତେବେ ଏତେ ବଡ଼ ହତ୍ୟାକାଣ୍ଡରେ ପୁଲିସ ନୀରବଦ୍ରଷ୍ଟା ସାଜି ହାତବାନ୍ଧି ଚୁପ ରହିବା ଘଟଣା ସାଧାରଣରେ ପୁଲିସ ପ୍ରତି ଥିବା ବିଶ୍ୱାସ ଓ ଭରସା ତୁଟିବାରେ ଲାଗିଛି। ଅନ୍ୟପଟେ ପରିବାର ଲୋକେ ଏହାର ପ୍ରତିବାଦ କରିବାକୁ ସଜବାଜ ହେଉଥିବା ଜାଣିବାକୁ ମିଳିଛି।

# ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ପଞ୍ଚୁପାଣ୍ଡବ, ୧୯।୧(ସମିସ):** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ବଜାର ସ୍ଥିତ ଦାମୋଦରଜୀଉ ବିଦ୍ୟାପୀଠରେ ବିଦ୍ୟାଳୟ ସ୍ତରୀୟ ସାହିତ୍ୟ, ଭାଷା ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଗରୁଡ଼ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବରେ ସମର କେଶରୀ ସାମଲ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର କଳା ପ୍ରଦର୍ଶିତ ହୋଇଥିଲା। ଅକ୍ଷୟ କୁମାର ପ୍ରଶାନ୍ତ କୁମାର ନାୟକ, ଗୟାଧର ମହାପାତ୍ର, ନିରଞ୍ଜନ ପରିଡ଼ା, ବିଭୂତି ଭୂଷଣ ଘଡ଼ାଇ ଓ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ମୋ ସ୍କୁଲ ଅଭିଯାନର ସଭାପତି ରାଧାକାନ୍ତ ପୃଷ୍ଟି, ରବୀନ୍ଦ୍ର ପରିଡ଼ା, ରିଆସଦ ସାହା, ବୈଷ୍ଣବ ଚରଣ ପାଣ୍ଡବ, ବାରିଦ ବରଣ ସାମଲ, ଫକିର ଚରଣ ସାହୁ ଓ ମେନକା ସାହୁଙ୍କ ସମେତ ଅଭିଭାବକମାନେ ଯୋଗଦେଇଥିଲେ। ଶେଷରେ ଅନାଦି ଚରଣ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ଡେରାବିଶ, ୧୯।୧(ସମିସ):** ଡେରାବିଶ ଶିକ୍ଷା ସର୍କଲ ଅଧୀନ ଦାନପୁର ପଞ୍ଚାୟତର ଦାନପୁର ପ୍ରକଳ୍ପ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୧୬ ତାରିଖ ଦିନ ଉଦ୍‌ଘାଟନ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ଯୋଗଦେଇଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ଛାତ୍ରଛାତ୍ରୀମାନେ ୨୦ରୁ ଅଧିକ ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଏହି କ୍ରୀଡ଼ାକୁ ମୁକୁନ୍ଦପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଲେଖ ଚନ୍ଦ୍ର ମହାପାତ୍ର ପରିଚାଳନା କରିଥିବା ବେଳେ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜୟାନନ୍ଦ ନାୟକ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଆଜିର ଉଦ୍‌ଯାପନ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମାନସୀ ତ୍ରିପାଠୀ ମୁଖ୍ୟ ଅତିଥି ଓ ସାମ୍ବାଦିକ ଭବାନୀ ଶଙ୍କର ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବରେ ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଉଭୟ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୀବନ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ବ୍ରଜେଶ୍ୱରୀ ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଲିନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ହରନମୟୀ ଷଡ଼ଙ୍ଗୀ ଓ ସଭ୍ୟସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଭାଷା-ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗିତା

**ମାର୍ଶାଘାଇ, ୧୯।୧(ସମିସ):** ମାର୍ଶାଘାଇ ବ୍ଲକ ମାଣିକପୁର ନୃସିଂହଜୀଉ ସରକାରୀ ଉଚ୍ଚ ବିଦ୍ୟାଳଳରେ ଶୁକ୍ରବାର ଭାଷା, ସାହିତ୍ୟ ଓ ସୃଜନଶୀତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସ୍ମିତା ବିହାରୀ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ପ୍ରାକ୍ତନ ପ୍ରାଧ୍ୟାପକ ଡଃ ସର୍ବେଶ୍ୱ ସେଣ ଯୋଗଦେଇ ସରକାର ବିଦ୍ୟାଳୟସ୍ତରରେ ଭାଷା ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗିତା ମାଧମରେ ଲୁକ୍କାୟିତ ପ୍ରତିଭାର ବିକାଶ ସମ୍ଭବ ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ଗରୁଡ ଚରଣ ସାହୁ ଯେଗାଦେଇଥିଲେ। ବିଦ୍ୟାଳୟ ୪ଟି କ୍ଲବ ସାହିତ୍ୟ, ସୃଜନୀ, ବିଜ୍ଞାନ, କୌଶଳୀ ଓ କ୍ରୀଡାଙ୍ଗନତରଫରୁ ପ୍ରତିଯୋଗିତା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ସୂର୍ଯ୍ୟକାନ୍ତ ବେଉରା, ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ପରିଡ଼ା, ଦିଲ୍ଲୀପ୍ କୁମାର ମହାପାତ୍ର, ସସ୍ମିତା ଓଝା, ସସ୍ମିତା ସାହୁ, ଦୁର୍ଗାମାଧବ ପଟ୍ଟନାୟକ, ସନ୍ଦିପ୍ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟ୍ ଓ ମୋ' ସ୍କୁଲ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।



## କେନ୍ଦ୍ରାପଡ଼ା ସହରରେ ୨୨ରେ ଆମିଷ ଦୋକାନ ବନ୍ଦ

**କେନ୍ଦ୍ରାପଡ଼ା, ୧୯।୧(ସମିସ):** ଚଳିତମାସ ୨୨ ତାରିଖରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିରରେ ଶ୍ରୀ ରାମଲାଲଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ସେହିଦିନ କେନ୍ଦ୍ରାପଡ଼ା ସହରର ସମସ୍ତ ମାଛ ଓ ମାଂସ ବ୍ୟବସାୟୀ ଆମିଷ ଦ୍ରବ୍ୟ ବିକ୍ରିରୁ ନିବୃତ ରହିବାକୁ କେନ୍ଦ୍ରାପଡ଼ା ମାଛ ଓ ମାଂସ ବ୍ୟବସାୟୀ ସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଂଘ ପକ୍ଷରୁ କାଳନ୍ଦୀ ସେଠୀ, କୃଷ୍ଣଚନ୍ଦ୍ର କାଲ, ସୁବାସ ଚନ୍ଦ୍ର ସେଠୀ, ଟୁନୁ ସେଠୀ, କପିଳ ସେଠୀ, ସେକ୍ ଲାଲା ପ୍ରମୁଖ ଏକ ପ୍ରେସ୍ ଇସ୍ତାହାର ଯୋଗେ ସୂଚନା ଦେଇଛନ୍ତି।

## ବ୍ୟବସାୟୀଙ୍କ ପରଲୋକ

**ପାରାଦୀପ, ୧୯।୧(ସମିସ):** ପାରାଦୀପ ଅଠରବାଙ୍କୀର ବିଶିଷ୍ଟ ବ୍ୟବସାୟୀ ମାୟାଧର ସ୍ୱାଇଁଙ୍କର ଗତକାଲି ପରଲୋକ ଘଟିଛି। ବଣିକ ସଂଘର ସଦସ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। କାଳିଆପାଟ ନିଜ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି। ଶୁକ୍ରବାର ସଂଘ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। ବରିଷ୍ଠ ସଦସ୍ୟ ନଗେନ୍ଦ୍ର ରାଉତଙ୍କ ସମେତ ଚିତ୍ତ ରଞ୍ଜନ ମଲ୍ଲିକ, କୃପାସିନ୍ଧୁ ଗୋଛାୟତ, ରତିକାନ୍ତ ନାୟକ, ବିପିନପାଲ ପ୍ରମୁଖ ଉପସ୍ଥିତ ଥିଲେ।

## କରତକଳ ରାସ୍ତା ବିପର୍ଯ୍ୟସ୍ତ



**ପଞ୍ଚୁପାଣ୍ଡବ, ୧୯।୧(ସମିସ):** ଜାତୀୟ ରାଜପଥଠୁ ବଳଭଦ୍ରପୁର କରତକଳକୁ ଯାଇଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ୧ କିଲୋମିଟର ରାସ୍ତା ଉପରେ ଦିନକୁ ଶହ ଶହ ବିଭିନ୍ନ ପ୍ରକାର ଗାଡି ଚଳାଚଳ କରୁଛି। ଏହି ରାସ୍ତାର ଅବସ୍ଥା ଏତେ ଖରାପ ଯେ, ୨ ଚକିଆ ଯାନ ଯିବା କଷ୍ଟକର। କାଠଗାଡି ଲୋଡ଼ କରି ଯାଉଥିବା ବେଳେ ଭଗବାନ ଭରସା ବୋଲି ଜଣେ ଡ୍ରାଇଭର କହିଛନ୍ତି। ଏହି ରାସ୍ତା ପାର୍ଶ୍ୱରେ ମଦ ଦୋକାନ ରହିଛି। ଦିନରାତି ରହରହ ଲୋକେ ଏହି ରାସ୍ତାଦେଇ ଯିବା ଆସିବା କରନ୍ତି। ଏମିତି କି ଅନେକ ବର୍ଷ ମଧ୍ୟରେ ଏହି ରାସ୍ତାର ରୂପରଙ୍ଗ ବଦଳୁନାହିଁ। ମୋରମ ପଡ଼ିଥିଲେ ବି ଶହ ଶହ ଖାଲଖମାରେ ଭର୍ତ୍ତି ହୋଇଛି। ଏହି ରାସ୍ତାକୁ କଂକ୍ରିଟ କିମ୍ବା ପିଚୁ ରାସ୍ତା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

● ରାତ୍ରକାଳୀନ କ୍ରିକେଟ ମ୍ୟାଚ୍

## ଗୋଜବାୟାଣୀ ଟିମ୍‌କୁ ହରାଇ ଜାଗୁଳାଇ ଚାମ୍ପିଅନ୍



**ମହାକାଳପଡ଼ା, ୧୯।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ରାଜଗଡ଼ ପଞ୍ଚାୟତ ନଛିପଡ଼ା ବାରୀବୁଢୀ କ୍ରିକେଟ କ୍ଲବ ତରଫରୁ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୮ଟି ଦଳ ଭାଗ ନେଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ବାଘଡିଆ ଗୋଜବାୟାଣୀ ଟିମ୍‌କୁ ହରାଇ ମେଣ୍ଟି ଜାଗୁଳାଇ କ୍ଲବ ନିୟାମତପୁର ଚାମ୍ପିଅନ ହୋଇଛି। ବରିଷ୍ଠ ଖବରଦାତା ତଥା ପରିବେଶପ୍ରେମୀ ସମରେନ୍ଦ୍ର ମାହାଳୀ ଯୋଗଦେଇ ଚାମ୍ପିଅନ ଟିମ୍‌କୁ ଟ୍ରଫି ସହ ନଗଦ ୫ ହଜାର ଅର୍ଥରାଶି ପ୍ରଦାନ କରିଛନ୍ତି। ଆୟୋଜକ କମିଟିର ସଭାପତି ପ୍ରଦୀପ ଦାସ, ସମ୍ପାଦକ ସୌମ୍ୟଜିତ୍ ସ୍ୱାଇଁ, ରାକେଶ ସ୍ୱାଇଁ, ଚିତ୍ତରଞ୍ଜନ ଜତିଙ୍କ ସମେତ କ୍ଲବର ସଦସ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## କାର୍ ଧକ୍କାରେ ମିଠା ମିସ୍ତ୍ରି ଗୁରୁତର

**ରାଜକନିକା, ୧୯।୧(ସମିସ):** ରାଜକନିକା ଥାନାନ୍ତର୍ଗତ ଭାରିଗଦା ଗାଁର କୁତନ ସାହୁଙ୍କ ଉପରେ ଗୋଟେ ଅଜଣା କାର ଚଢିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। କୁତନ ଜଣେ ଭଲ ମିଠା ମିସ୍ତ୍ରୀ ଭାବରେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା। ଆଳି ବଜାରର ଏକ ମିଠା ଦୋକାନରେ କାମ କରିବାକୁ ସେ ଦୈନିକ ଯାଇଥାନ୍ତି। ସବୁଦିନ ଭଳି କାମ ସାରି ସେଠାରୁ ଗୁରୁବାର ରାତି ପ୍ରାୟ ୧୧ଟା ସମୟରେ କୁତନ ସାଇକଲରେ ଘରକୁ ଫେରୁଥିଲେ। କଟକ ଚାନ୍ଦବାଲି ରାସ୍ତାର ବରୁଣାଡିହା ଛକ ନିକଟରେ ଗୋଟେ କାର ତାଙ୍କୁ ଧକ୍କା ଦେଇଥିଲା। ତଳେ ପଡ଼ିଯିବା ପରେ ତାଙ୍କ ଦୁଇ ଗୋଡ ଉପରେ କାର ଚଢି ଯାଇଥିଲା। ଅଗ୍ନିଶମବାହିନୀ ଉଦ୍ଧାର କରିଥିବାବେଳେ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## ପିତାଶ୍ରୀ ବ୍ରହ୍ମା ବାବାଙ୍କ ସ୍ମୃତି ଦିବସ ପାଳିତ



**ପାରାଦୀପ, ୧୯।୧ (ସମିସ):** ପ୍ରତିବର୍ଷ ଆଜିର ଦିବସରେ ପିତାଶ୍ରୀ ବ୍ରହ୍ମା ବାବାଙ୍କ ୫୫ତମ ସ୍ମୃତି ଦିବସକୁ ବିଶ୍ୱ ଶାନ୍ତି ଦିବସ ଭାବେ ପାଳନ କରାଯାଏ। ଏ ଅବସରରେ ଆଜି ପାରାଦୀପ ମଧୁବନସ୍ଥ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜଯୋଗିନୀ ସୁମନ ଭଉଣୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତ୍ୟୁଷରୁ ଅମୃତ ବେଳାଠାରୁ ଭାଇଭଉଣୀ ପୁଷ୍ପଗୁଚ୍ଛରେ ଆଶ୍ରମ ପରିସରକୁ ସଜ୍ଜିତ କରିବା ସହିତ ବାବାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଦୁଇଘଣ୍ଟା ଧରି ଯୋଗ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରବର୍ତ୍ତୀ ସମୟରେ ଭଉଣୀ ସୁମନ ଉପସ୍ଥିତ ଭାଇଭଉଣୀଙ୍କୁ ମୁରଲୀ ଶୁଣାଇଥିଲେ। ଇତ୍ୟବସରେ ଅତିଥି ଭାବେ ରାଜ୍ୟ ମହିଳା ନେତ୍ରୀ ଭଉଣୀ ସବିତା ମହାପାତ୍ର ଓ ପାରାଦୀପ ବନ୍ଦର ଡେପୁଟି କଞ୍ଜରଭେଟର ଭ୍ରାତା ଅଲେଖ ସାହୁ ଉପସ୍ଥିତ ହୋଇ ଯୋଗରେ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଯୋଗ ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଜ ଯୋଗିନୀ ସୁମନ ଭଉଣୀ ବାବାଙ୍କ ଅବ୍ୟକ୍ତ ସ୍ମୃତି ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଆଶ୍ରମର ଭ୍ରାତା ଅମିତ ଭାଇ ବାବାଙ୍କ ଜୀବନୀ ଓ ଅବ୍ୟକ୍ତ ସ୍ମୃତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅତିଥି ଭ୍ରାତା ଅଲେଖ ସାହୁ ଈଶ୍ୱରୀୟ ବିଦ୍ୟାଳୟର ଭାଇ ଭଉଣୀଙ୍କ ନିରବଚ୍ଛିନ୍ନ ଶାନ୍ତି ପ୍ରତିଷ୍ଠା ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ଅନ୍ୟତମ ଅତିଥି ଭଉଣୀ ସବିତା ବାବାଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟାରେ ସାରା ବିଶ୍ୱରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କାର୍ଯ୍ୟାଳୟ ଖୋଲି ପାରିଛନ୍ତି। ବାବାଙ୍କ ଅବ୍ୟକ୍ତ ପରେ ଭାଇଭଉଣୀ ତାଙ୍କ ଅଧୁରା ସ୍ୱପ୍ନ 'ଏକ ପରିବାର' ଲକ୍ଷ୍ୟ କରି ନିରବଚ୍ଛିନ୍ନ ପ୍ରଚେଷ୍ଟା ଜାରି ରଖିଥିବାରୁ ସମସ୍ତଙ୍କୁ ପ୍ରଶଂସା କରିଥିଲେ।

## ସୁନା ଭଉଣୀ ପ୍ରତିଷ୍ଠାତା ସମ୍ପାଦକ ବିଜୟଙ୍କ ଶ୍ରାଦ୍ଧବାର୍ଷିକୀ

**ଜଗତସିଂହପୁର, ୧୯।୧(ସମିସ):** ବିଜୟ କୁମାର ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଲିମିକା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନିତ ଶିଶୁ ସାହିତ୍ୟ ପତ୍ରିକା 'ସୁନା ଭଉଣୀ'ର ପ୍ରତିଷ୍ଠାତା ସମ୍ପାଦକ ବିଜୟ କୁମାର ମହାପାତ୍ରଙ୍କ ଦ୍ୱାଦଶତମ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଜ୍ୟେଷ୍ଠା କନ୍ୟା ବିଜୟିନୀ ମହାପାତ୍ର ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ଜଗତସିଂହପୁର ପୁସ୍ତକ ମେଳା ମଞ୍ଚରେ କବିତା ଆସର ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ରୋତ୍ପଳା ପବ୍ଲିକେସନ୍ ର ପ୍ରତିଷ୍ଠାତା ସଦାଶିବ ଦାଶ ସଭାପତିତ୍ୱ କରିଥିଲାବେଳେ ଅଧ୍ୟାପକ ଭଗବାନ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜୟ କୁମାର ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ ଶିଶୁ ସାହିତ୍ୟ ପତ୍ରିକା 'ସୁନା ଭଉଣୀ' ତତ୍ ସହ ସେ ଶହେ ଭାଷାରେ ପ୍ରକାଶିତ ଶିଶୁ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା



ସମ୍ପାଦକ ଥିଲେ ବୋଲି କହିଥିଲେ। ପ୍ରଫୁଲ୍ଲ ପାଠାଗାରର ପ୍ରତିଷ୍ଠାତା ସଦସ୍ୟ ବଂଶୀଧର ଆଚାର୍ଯ୍ୟ ଓ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରମା ରଞ୍ଜନ ସ୍ୱାଇଁ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ବିଜୟ କୁମାର ମହାପାତ୍ରଙ୍କ ସ୍ମୃତି ଚାରଣ କରିଥଲେ। ଏହି ଅବସରରେ ପ୍ରାଧ୍ୟାପକ ଡ଼. ବିଜୟ କୁମାର ବିଶ୍ୱାଳଙ୍କୁ ବିଜୟ ସ୍ମୃତି ସମ୍ମାନରେ ଉତ୍ତରୀୟ ମାନପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ସାମାଜିକ କର୍ମୀ ରବି ମହାନ୍ତି ଅତିଥିମାନଙ୍କ ପରିଚୟ ଓ ନିରଞ୍ଜନ ବାରିକ ମଞ୍ଚ ସଂଯୋଜନାରେ ସହଯୋଗ କରିଥିଲେ। ସୀତାଂଶୁ ଜେନା ଓ ଅଧ୍ୟାପକ ମହେନ୍ଦ୍ର ଚାନ୍ଦ, କବୟିତ୍ରୀ ପ୍ରତିଭାରାଣୀ ରାୟ ଓ ତିଳୋତ୍ତମା ଦାଶ କବିତା ଆସର ସଂଯୋଜନା କରିଥିଲେ। ସ୍ମୃତି କମିଟିର ସଭାପତି ଭଗବାନ ଦାଶ, ସାମାଜିକକର୍ମୀ ଗୋବିନ୍ଦ ଓଝା ଓ ଲୋକ ଭାଷାର ପ୍ରକାଶକ ଶୁକଦେବ ପରିଡ଼ା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ କୃଷକସାଥୀ କର୍ମଶାଳା

**ମାର୍ଶାଘାଇ, ୧୯।୧(ସମିସ):** ମାର୍ଶାଘାଇ ବ୍ଲକ କୃଷକସାଥୀମାନଙ୍କ କର୍ମଶାଳା ଶୁକ୍ରବାର ବ୍ଲକ ଆତ୍ମା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ଘୋଷଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଗାହାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ କୃଷି ଯୋଜନା, ସହାୟତା ଓ କୃଷକ କଲ୍ୟାଣ ଯୋଜନାକୁ ସଠିକ ମାର୍ଗରେ କୃଷକମାନଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ବୈଷୟିକ ପରିଚାଳିକା ସ୍ମୃତିରେଖା ଶତପଥୀ କର୍ମଶାଳା ସମ୍ପର୍କରେ ଆଲୋକପାତ କରିଥିବାବେଳେ ଗ୍ରାମ୍ୟ କୃଷିକର୍ମୀ ଭରଦ୍ୱାଜ ମାଝି ଧନ୍ୟବାଦ ପ୍ରଦାନ କରିଥିଲେ। କୃଷକସାଥୀ ସୁଶାନ୍ତ କୁମାର ଜେନା, ଗୁରୁଚରଣ ସ୍ୱାଇଁ, ବିନୋଦ ଦାସ, କଳ୍ପନା ସାହୁ, ଆରତୀ ମହାପାତ୍ର, ପ୍ରଭାତ ବେହେରା, କେଶବ ସେଠୀ ଙ୍କ ସମେତ ସମସ୍ତ କୃଷକ ସାଥି ଯୋଗ ଦେଇଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ମାର୍ଶାଘାଇ, ୧୯।୧(ସମିସ):** ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥ ଅର୍ନ୍ତଗତ ମାର୍ଶାଘାଇ କାନପୁର ଗୋଜବାୟଣୀ ଛକ-କେନାଲବ୍ରିଜ ମଧ୍ୟରେ ପୃଥୀରାଜ ଢାବା ନିକଟରେ ରାଜପଥ କଡ଼ରେ ଛିଡ଼ାହୋଇଥିବା ଟ୍ରକ ପଛରେ ବାଇକ୍ ପିଟି ହେବାରୁ ବାଇକ୍ ଚାଳକଙ୍କର ମୃତ୍ୟୁ ଘଟିଛି। ମୃତକ ମାର୍ଶାଘାଇ ଥାନା ହିନ୍ଦୁଳିଆର ସନ୍ତୋଷ ସ୍ୱାଇଁ(୩୦)। ମୃତ ବାଇକ୍ ଚାଳକ ସନ୍ତୋଷ କେନାଲ ବ୍ରିଜ ପଟୁ ନିଜଘର ହିନ୍ଦୁଳିଆ ଅଭିମୁଖେ ଫେରୁଥିଲେ। ଘରେ ପହଞ୍ଚିବା ପୂର୍ବରୁ ଦୁର୍ଘଟଣା ଘଟିଥିଲା। ମାର୍ଶାଘାଇ ପୁଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ପୁଲିସ ଜବତକରି ତଦନ୍ତ ଚଳାଇଛି।

ପାରାଦୀପ ବନ୍ଦରରେ ଲାଗିଥିବା ଜାହାଜରୁ କୋକେନ୍ ଜବତ ଘଟଣା

# ଦେଢ଼ ମାସ ବିତିଲା; ଖିଅ ପାଉନି କଷ୍ଟମ ବିଭାଗ

**ପାରାଦୀପ, ୧୯।୧ (ସମିସ):** ପାରାଦୀପ ପିଆଇସିଟି ବର୍ଥରେ ଜାହାଜରୁ କୋକେନ ଜବତ ଘଟଣାକୁ ପାଖାପାଖି ଦେଢ଼ ମାସରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତର ଟେର ପାଉନି କଷ୍ଟମ୍ସ ବିଭାଗ। ବିଭାଗ କୋକେନ ଜବତ ଘଟଣା ର ତଦନ୍ତ ଚଳାଇଥିଲେ ମଧ୍ୟ ଅଭିଯୁକ୍ତକୁ ନ ଧରିବା ସନ୍ଦେହ ଘେରକୁ ଆସିଛି।ବିଭାଗ ଜାଣି ଧରୁନି ନାଁ ଟେର ପାଉନି ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।ଏଭଳି ତଦନ୍ତକୁ ନେଇ ଆଇନଜୀବୀ ମାନେ ପ୍ରଶ୍ନ ଇଠାଇଛନ୍ତି। ଏହା ସହିତ ଜାହାଜ ମୁକୁଳାଇବା ଏବଂ ଜାହାଜର କ୍ରୁ ମେମ୍ବରମାନଙ୍କୁ ସ୍ୱଦେଶ ଫେରାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଘଟଣା ସନ୍ଦେହକୁ ଦୃଢ଼ୀଭୂତ କରିଛି। ଜାହାଜ ଏମ ଭି ଦେବି ପାନ୍ନାମା ସ୍ୱେନ ରୁ ଇଣ୍ଡୋନେସିଆ ଦେଇ ପାରାଦୀପ ପିଆଇସିଟି ବର୍ଥ ରେ ଆଇରନ ପ୍ଲେଟ ଲୋଡ଼ କରୁଥିବା ସମୟରେ ୨୨ ଗୋଟି ପ୍ୟାକେଟ ରୁ ୨୨୦ କୋଟି ଟଙ୍କାର ନିଷିଦ୍ଧ ଜହର କୋକେନ ଜବତ ହୋଇଥିଲା। ସେବେଠାରୁ କଷ୍ଟମ୍ସ ବିଭାଗ ପକ୍ଷରୁ ଜାହାଜ ସହିତ ସମସ୍ତ ୨୧ ଜଣ କ୍ରୁ ମେମ୍ବର ମାନଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।ଏଥିମଧ୍ୟରେ ଜାହାଜ କମ୍ପାନୀ ତରଫରୁ ଜାହାଜ ମୁକୁଳାଇବାକୁ କୁଜଙ୍ଗ କୋର୍ଟରେ ଆବେଦନ କରିବା ସହିତ କଷ୍ଟମ୍ସ ବିଭାଗ ଅନୁମତି ରେ ଜାହାଜ କୁ ବର୍ଥରୁ ଆଙ୍କରେଜ କୁ ନେବାରେ ସଫଳ ହୋଇଛି।ଆଙ୍କରେଜ ରେ ରହିଥିବା ସମୟରେ ଜାହାଜ ର କ୍ରୁ ସଦସ୍ୟ ଖସିପଡ଼ି ଆହତ ଘଟଣା ରେ ବର୍ତମାନ ସୁଦ୍ଧା କ୍ରୁ ସଦସ୍ୟ ଜଣକ ଭୁବନେଶ୍ୱର ରେ ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଥିବା ବେଳେ କଷ୍ଟମ୍ସ ବିଭାଗ ତରଫରୁ କଡା ନଜର ରଖାଯାଇଥିବା ନେଇ ସୂଚନା ମିଳିଛି। ଜାହାଜ ର ସମସ୍ତ କ୍ରୁ ସଦସ୍ୟ ମାନଙ୍କୁ ସ୍ୱଦେଶ ଫେରାଇନେବାକୁ ଜାହାଜ କମ୍ପାନୀ ତରଫରୁ ପ୍ରୟାସ ଆରମ୍ଭ ହୋଇଛି।କୁଜଙ୍ଗ କୋର୍ଟରେ ଚାରିଜଣ ଆଇନଜୀବୀ ପକ୍ଷ ରଖିବା ନେଇ ସୂଚନା ମିଳିଛି। ତେବେ ଜାହାଜ ରୁ କୋକେନ ଜବତ ଘଟଣା କୁ ପଚାଶ ଦିନ ପୁରିଥିଲେ ମଧ୍ୟ କୋକେନ କେଉଁଠୁ ଆସିଥିଲା ଏବଂ କେଉଁଠାକୁ ଯାଉଥିଲା କଷ୍ଟମ୍ସ ବିଭାଗ ଏହାର ଟେର ପାଇବାରେ ଫେଲ ମାରିଥିବା ଭଳି କୁଜଙ୍ଗ କୋର୍ଟର ଆଇନଜୀବୀ ପ୍ରଶ୍ନ ଉଠାଇଛନ୍ତି।ତେବେ ଜାହାଜ ସହିତ ସମସ୍ତ କ୍ରୁ ସଦସ୍ୟ ମାନଙ୍କୁ ମୁକୁଳାଇବାରେ ଜାହାଜ କମ୍ପାନୀ ତରଫରୁ ଆରମ୍ଭ ହୋଇଥିବା ପ୍ରୟାସ କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା। ଘଟଣା ର ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ପାରାଦ୍ୱୀପ ବନ୍ଦରଭଳି ଏକ ବୃହତ ବନ୍ଦରକୁ ଅଯଥାରେ ବଦନାମ କରିବାର ଅପଚେଷ୍ଟାରୁ ନିବୃତ ରହିବାକୁ ଆଇନଜୀବୀମାନେ ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



**ଅନୁଗୋଳ, ୧୯।୧ (ସମିସ):**

ଜିଲ୍ଲାସ୍ତରୀୟ 'ନୂଆ ଓ ' କ୍ରୀଡ଼ା ପ୍ରତିଯୋଗିତା ଓଡିଶା ଫରେଷ୍ଟ ରେଞ୍ଜର୍ସ ମହାବିଦ୍ୟାଳୟ ପଡ଼ିଆ ଠାରେ ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟନ୍ଦୁ ମହାନ୍ତି ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫରେଷ୍ଟ ରେଞ୍ଜର୍ସ ମହାବିଦ୍ୟାଳୟଠାରେ ମହିଳା ଭଲିବଲ୍ କ୍ରିକେଟ୍, ହକି ଓ ପୁରୁଷ ଖୋ ଖୋ ଓ କବାଡ଼ି ଅନୁଷ୍ଠିତ ହୋଇଥିବା ବେଳେ କଦମ ପଡ଼ିଆରେ ପୁରୁଷ କ୍ରିକେଟ, ବାସନ୍ତୀ ଦୁର୍ଗା ପୂଜା ପଡ଼ିଆଠାରେ ପୁରୁଷ ଭଲିବଲ୍, ଟାଉନ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ପୁରୁଷ ଫୁଟବଲ୍ ଏବଂ ପିଟିସି ପଡିଆଠାରେ ମହିଳା ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବା ସହ ଜିଲ୍ଲାର ସମସ୍ତ ଦକ୍ଷ କ୍ରୀଡ଼ା ଶିକ୍ଷକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁରହିବ ବୋଲି ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର

**କିଶୋରନଗର, ୧୯।୧(ସମିସ):** କିଶୋର ନଗର ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷାର ଅସ୍ମିତା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ଉଦେଶ୍ୟ ଜ୍ଞାପନ ପରେ ଅଧକ୍ଷ ଅକ୍ଷୟ କୁମାର ଦାଶ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଏବିଡିଓ ତଥା କବି ରାହାସ ଚନ୍ଦ୍ର ନାୟକ ମୁଖ୍ୟ ବକ୍ତା ରୂପେ ଉପସ୍ଥିତ ରହି ଭାଷାର ଆବଶ୍ୟକତା, ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ଭାଷା ଓ




ସଂସ୍କୃତିର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ବୀଣାପାଣି ସାହୁ ଓଡ଼ିଆ ଭାଷାର କ୍ରମବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ତରଣୀସେନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଆରାଧନା ବେଦମନ୍ତ୍ର ଗାନ କରିଥିଲା ବେଳେ ଲିପ୍ସା ପ୍ରଧାନ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଓଡିଶା ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗ ଦ୍ୱାରା ଐତିହ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ସମସ୍ତ ଶିକ୍ଷା ଅନୁଷ୍ଠାନରେ ଏହା କାର୍ଯ୍ୟକାରୀ ହେଉଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲୁଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଦଘାଟନ ଉତ୍ସବରେ ନଳିନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀ ତଥା ଅଧ୍ୟାପିକା ରୁଚିସ୍ମିତା ପରିଡା, ଶୁଭଶ୍ରୀ ବିଶ୍ୱାଳ ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ମହାବିରୋଡ଼, ୧୯।୧(ସମିସ):** ଢେଙ୍କାନାଳ ବନଖଣ୍ଡ ଅଧୀନ ମହାବିରୋଡ଼ ବନାଞ୍ଚଳ ପକ୍ଷରୁ ମହାବିରୋଡ଼ ବନାଞ୍ଚଳ ଅଧିକାରୀ ହରେଶ ଚନ୍ଦ୍ର କିସାନଙ୍କ ନେତୃତ୍ୱରେ ଜଙ୍ଗଲ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ମଝିକା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ବନ୍ୟ ପ୍ରାଣୀ ସଚେତକ ଅରବିନ୍ଦ ମାଝୀ ଯୋଗଦେଇଥିଲେ। ଚଳିତ ବର୍ଷ ନିଆଁ ପ୍ରକୋପରୁ ଜଙ୍ଗଲ କିପରି ସୁରକ୍ଷିତ ରହିପାରିବ ସେଥିପାଇଁ ଉପସ୍ଥିତ ଥିବା ସମସ୍ତେ ଶପଥ ପାଠ କରିଥିଲେ। ହାତୀ ଆମର ସାଥୀ କାର୍ଯ୍ୟକ୍ରମରେ ଲୋକମାନଙ୍କୁ ହାତୀ ଦାଉରୁ ରକ୍ଷା କିପରି କରାଯାଇପାରିବ ଓ ହାତୀର ସୁରକ୍ଷା କିଭଳି ହୋଇପାରିବ, ସେ ଉପରେ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଝିକା ବନ ସୁରକ୍ଷା ସମିତି, ସୁନ୍ଦରମୁଣ୍ଡି ବନ ସୁରକ୍ଷା ସମିତିର କର୍ମକର୍ତ୍ତା, ଗ୍ରାମବାସୀ ଉପସ୍ଥିତ ଥିଲେ।



# ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର

**ଢେଙ୍କାନାଳ,୧୯।୧(ସମିସ):** ଢେଙ୍କାନାଳ ସହରସ୍ଥିତ ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ସଭାପତି ଡ.ଭାସ୍କରମିଶ୍ର ଯୋଗଦେଇ ଜଗନ୍ନାଥଙ୍କର ଯାନିଯାତ୍ରା ଓ ବେଶଭୂଷା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ମନୋଜ କୁମାର ରଥ ଯୋଗଦେଇଥିଲେ। ଜିଲ୍ଲା ନୋଡାଲ ଅଫିସର ଡ.ଦେବାଶିଷ ମହାନ୍ତି ଶ୍ରୀମନ୍ଦିରର ବିଭିନ୍ନ ଦେବାଦେବୀଙ୍କର ମହିଳା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଜଗନ୍ନାଥ ସମ୍ପର୍କିତ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିବଗାର ମୁଖ୍ୟ ଶୁଭ୍ରକାନ୍ତ ପାଣି, ନୋଡାଲ ଅଫିସର ଡ. ରବର୍ଟ ଉଇଲସନ ବାତ୍ରା, ରଶ୍ମିରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




**କଣିହାଁ, ୧୯।୧(ସମିସ):** ଅନୁଗୁଳ ଜିଲ୍ଲା କଣିହା ବ୍ଲକ ହନୁମାନପୁର ପଞ୍ଚାୟତ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝରାବେରଣୀର ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିବା କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ସୁମନ୍ତ ନାୟକଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କଣିହା ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଇଂରାଜୀ ଶିକ୍ଷକ ନମିତା ବେହେରା, ଶିକ୍ଷକ ମୁକେଶ କୁମାର ଭୋଇ, ସମାଜସେବୀ ଜିତେନ୍ଦ୍ରିୟ କୁମାର ସାହୁ ଯୋଗଦେଇଥିଲେ। ଉଦଯାପିତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ରାକେଶ କୁମାର ପାଣି ପରିଚାଳନା କରିଥିଲେ। ସହକାରୀ ଖେଳ ଶିକ୍ଷକ ଚିନ୍ତାମଣି ତରାଇ କ୍ରୀଡ଼ା କାର୍ଯ୍ୟକ୍ରମ ସଂପାଦନ କରିଥିଲେ। ଏହି ବାର୍ଷିକ ଉତ୍ସବରେ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇଥିଲା। ଚୟନ କରାଯାଇ ଛାତ୍ର ଛାତ୍ରୀଙ୍କୁ ଉଦଯାପିତ ଉତ୍ସବରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ




ଢେଙ୍କାନାଳ, ୧୯।୧(ସମିସ): ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଭାତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସଭାରେ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ସୁଶ୍ରୀ ବିଦ୍ୟୁଲତା ନାଏକ ମୁଖ୍ୟ ଅତିଥି , ମାଷ୍ଟରଟ୍ରେନର ଚିନ୍ମୟୀ ସାହୁ ଓ ସୁଶ୍ରୀ ମୋନାଲିସା ସ୍ୱାଇଁ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଅନୁଷ୍ଠାନର ୫୨ ଜଣ ଛାତ୍ରୀ ଯୋଗଦାନ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପିକା ମମତା ନାୟକ ଓ କ୍ରୀଡ଼ା ଶିକ୍ଷକ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଗୁରୁଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଚନ୍ଦ୍ରଭାନୁ ମହାପାତ୍ର, ଶିକ୍ଷା ବିଭାଗ ଅଧ୍ୟାପିକା କସ୍ତୁରି ଜେଷ୍ଟି ଓ କାର୍ଯ୍ୟନିର୍ବାହୀ ଦିଲ୍ଲୀପ କୁମାର ଦାସ, କର୍ମଚାରୀ ଯୁଗଳ କିଶୋର ରାଉତ ଓ ସନ୍ତୋଷ କୁମାର ସେନାପତିଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ଦୀର୍ଘ ୧୦ଦିନ ଧରି ଚାଲିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ।

# ଘାଗରାମୁଣ୍ଡା ସେବାଶ୍ରମର ବାର୍ଷିକ କ୍ରୀଡ଼ା

**ମହାବିରୋଡ଼, ୧୯।୧(ସମିସ) :** କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ସେବାଶ୍ରମରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟନ ହେଇଛି। ସେବାଶ୍ରମ ପ୍ରଧାନଶିକ୍ଷକ ତୀର୍ଥବାସୀ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, ସମ୍ମାନିତ ଅତିଥି ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ, ସମିତି ସଭ୍ୟା ପଦ୍ମିନୀ ବେହେରା, ସେବାଶ୍ରମ ପରିଚାଳନା କମିଟି ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ସାହୁ, ସମାଜସେବୀ ନିରଞ୍ଜନ ନାଏକ ଯୋଗ ଦେଇଥିଲେ। ସେବାଶ୍ରମର ଛାତ୍ରଛାତ୍ରୀମାନେ ଆଜିଠାରୁ ସପ୍ତାହବ୍ୟାପୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇପାରିବେ। ସେବାଶ୍ରମର ଶିକ୍ଷକ ନରେନ୍ଦ୍ର ଶୁଣ୍ଠି, ପ୍ରିୟଙ୍କା ପ୍ରିୟଦର୍ଶୀ ପାଣି, ମ୍ୟାଟ୍ରନ ରେଣୁବାଳା ପ୍ରଧାନ, ସେବାଶ୍ରମ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ଓଡ଼ିଆ ସାହିତ୍ୟ ଉପରେ ଆଲୋଚନାଚକ୍ର

**ତାଳଚେର ସହର, ୧୯।୧ (ସମିସ):** ପବିତ୍ରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ' ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ମାଧ୍ୟମରେ ଓଡ଼ିଆ ହସ୍ତାକ୍ଷର, ଓଡ଼ିଆ ବ୍ୟାକରଣ ଦକ୍ଷତା, ଓଡ଼ିଆ କୁଇଜ୍, ଓଡ଼ିଆ ତର୍କ ଓ କାହାଣୀ, ଓଡ଼ିଆ ପ୍ରବନ୍ଧ ଲିଖନ, ଓଡ଼ିଆ ସଙ୍ଗୀତ, ଓଡ଼ିଆ ଖାଦ୍ୟ ପ୍ରସ୍ତୁତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର ଛାତ୍ରଛାତ୍ରୀଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ଓଡ଼ିଆ, କଳା, ସଂସ୍କୃତି, ଇତିହାସ, ସାହିତ୍ୟ ଉପରେ ଆଲୋଚନାଚକ୍ର ବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ ଅଧର ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ସୁଧାକର ସାହୁ ଜଗନ୍ନାଥ ସଂସ୍କୃତି ଉପରେ



ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଧବଳେଶ୍ୱର ନାୟକ, ନୂଆ – ଓ' ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଫିସର ଅଧ୍ୟାପକ ରବୀନ୍ଦ୍ର କୁମାର ଗଡ଼ନାୟକ, ଅଧ୍ୟାପକ ଯାଦବ କୁମାର ସାହୁ, ଜିତେନ୍ କୁମାର ବେହେରା, ଅଧ୍ୟାପିକା ମମତା ପ୍ରଧାନ, ଦୀପ୍ତିରାଣୀ ନାୟକ, ସୁମିତ୍ରା ନାୟକ, ସୁମିତ୍ରା ପ୍ରଧାନ, ରୋହିଣୀ ମିଶ୍ର, ଡେମନଷ୍ଟ୍ରେଟର ବ୍ରହ୍ମାନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡମ୍ବରୁଧର ନାଥ, ବୈକୁଣ୍ଠ ବିହାରୀ ସାହୁ ଏବଂ କ୍ରୀଡ଼ା ଶିକ୍ଷକ ପ୍ରଣବ କିଶୋର ଗଡ଼ନାୟକ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷାର ଅଧ୍ୟାପକ ଇଂ ହେମନ୍ତ କୁମାର ଶତପଥୀ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଧନଞ୍ଜୟ ସିଂହ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶିକ୍ଷକ ଶିକ୍ଷା ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**କିଶୋରନଗର, ୧୯।୧(ସମିସ):** କିଶୋର ନଗରସ୍ଥିତ ସରକାରୀ ଶିକ୍ଷକ ଶିକ୍ଷା ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଧଉରକ୍ଷପାଲି ସରପଞ୍ଚ ସଂଜିତ କୁମାର ସାହୁ ମୁଖ୍ୟ ଅତିଥି ଓ କିଶୋର ନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳ ପ୍ରଶିକ୍ଷକ ଦିଲୀପ କୁମାର ମହାରଣା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। କ୍ରୀଡ଼ା ପତାକା ଉତ୍ତୋଳନ କରିବା ପରିପ୍ରେକ୍ଷୀରେ କ୍ରୀଡ଼ାକୁ ଶିକ୍ଷାର ପ୍ରଧାନ ଅଙ୍ଗ ଭାବେ ଅଭିହିତ କରିଥିଲେ ଓ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସଭା ପ୍ରାରମ୍ଭରେ ସ୍ଥାନୀୟ ଶିବ ମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ ଆସିଥିଲା ଓ ଅତିଥି ମାନଙ୍କ ଦ୍ୱାରା ସ୍ଥାପନ ହୋଇଥିଲା। କ୍ରୀଡା ସମ୍ପାଦକ ଚିନ୍ମୟ ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ କଳା ପ୍ରଶିକ୍ଷକ କମଳ ଲୋଚନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ପ୍ରତିଯୋଗିତାକୁ ଖେଳ ଶିକ୍ଷକ ଜି ପ୍ରଧାନ, ସୁନୀଲ ଦଳେଇ, ଓ ଖେଳ ଶିକ୍ଷୟିତ୍ରୀ ସୋନାଲିକକ୍ଷ ବଡ଼ମାଳି ଓ ସୁଜାତା ପ୍ରଧାନ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା

**ଢେଙ୍କାନାଳ,୧୯।୧(ସମିସ):** ଢେଙ୍କାନାଳ ସହରସ୍ଥିତ ମିନି ଷ୍ଟାଡିୟମଠାରେ ଉଦ୍ୟାନ ବିଭାଗ ତରଫରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତାକୁ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଏସପି ଜ୍ଞାନରଞ୍ଜନ ମହାପାତ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀଙ୍କ ଉପସ୍ଥିତିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଶୁଭାରମ୍ଭ କରିଥିଲେ। ଏହି ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଆୟୋଜନ ଦ୍ୱାରା ଫୁଲଗଛ ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧିପାଇବା ସହିତ ରୋଜଗାର ବୃଦ୍ଧିରେ ମଧ ସହାୟକ ହେବ ବୋଲି ଜିଲ୍ଲାପାଳ କହିଥିଲେ। ଏହି ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶ୍ରେଷ୍ଠ ହୋଇଥିବା ବ୍ୟକ୍ତିମାନଙ୍କୁ ସାଧାରଣତନ୍ତ୍ର ଦିବସରେ ଟାଉନହଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି।



## ଟ୍ରେଲର ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

**ଓଡାପଡ଼ା, ୧୯।୧(ସସିମ) :** ଓଡାପଡ଼ା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥ ମୋଟଙ୍ଗା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୋଟଙ୍ଗା ଥାନା ଅନ୍ତର୍ଗତ ଖଡ଼ଗପ୍ରସାଦ ଗ୍ରାମର ଶାନ୍ତନୁ ପୃଷ୍ଟି (୨୭) ଓ ସୁରେଶ ସାହୁ (୩୯) ଉଭୟ ଏକ ମଟର ସାଇକଲରେ ନିମବାହାଳି ଛକରୁ ନିଜ ଗାଁକୁ ୫୫ ନମ୍ବର ଜାତୀୟରାଜପଥ ଦେଇ ଆସୁଥିବା ବେଳେ ମୋଟଙ୍ଗା ଛକଠାରେ ଏକ ଟ୍ରେଲର ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟଜଣଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଲା ପରେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

## ମୋ ଜଙ୍ଗଲ ଜମି ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

**କଣିହାଁ, ୧୯।୧(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହ ପରିସରରେ ମୋ ଜଙ୍ଗଲ ଜମି ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଣିହା ତହସିଲଦାର ଚିନ୍ମୟ ଦାଶ, ବିଡିଓ ଦେବଦତ୍ତ ପ୍ରଧାନ, ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, ଓ ମୋ ଜଙ୍ଗଲ ଜମି ଯୋଜନାର ଜିଲ୍ଲା ସଂଯୋଜକ ବିନୟ ସାହୁ ଯୋଗଦେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଉଦଘାଟନ କରିଥିଲେ। ଏହି ଜଙ୍ଗଲ ଜମି ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ମାନଙ୍କ ପାଇଁ ମୋ ଜଙ୍ଗଲ ଅଧିକାର ନିୟମ ଓ ସେମାନଙ୍କୁ ଶିକ୍ଷା ସ୍ୱାସ୍ଥ୍ୟ ବୈଷୟିକ ଶିକ୍ଷା ସାମାଜିକ ଜୀବନରେ ପରିବର୍ତ୍ତନ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିଜର ବ୍ୟକ୍ତିଗତ ଜିବିକା ନିର୍ବାହ କରି ପାରିବେ ଅତିଥିମାନେ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ଜଣ ମଙ୍ଗଳ ଅଧିକାରୀ ସୋମନାଥ ଦାଶ, ସହ ସଂଯୋଜକ, ବ୍ଲକ ସଂଯୋଜକ କୁଳମଣି ବେହେରା ଓ ସହ ସଂଯୋଜକ ସ୍ମିତାଞ୍ଜଳୀ ନନ୍ଦ ସ୍ୱଚ୍ଛାସେବୀ, କଣିହାଁ ତହସିଲର ରାଜସ୍ୱ ନିରକ୍ଷ୍ୟକ, ସହ ରାଜସ୍ୱ ନିରକ୍ଷ୍ୟକ ଓ ଅମିନ ତତ୍ ସହିତ ବନାଂଚଳ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## 'ନୂଆ- ଓ' ସାହିତ୍ୟ କାର୍ଯ୍ୟକ୍ରମ

**ରେଙ୍ଗାଳି ୧୯ ।୧(ସମିସ):** କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ପବିତ୍ର ମୋହନ ଡିଗ୍ରୀ ମହାବିଦ୍ୟାଳୟ ଠାରେ ନୂଆ – ଓ' କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ଦିହୁଡ଼ିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କପିଳେଶ୍ୱର ମନ୍ଦିରର ପୂଜକ ଜିତେନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଏହା ପରେ ଓଡିଆ ସାହିତ୍ୟ ଓ ଜଗନ୍ନାଥସଂସ୍କୃତି ବିଷୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ଗଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବଢୁଛି ଜନସଂଖ୍ୟା ସହ ଗାଡ଼ିମଟର

# ତାଳଚେରବାସୀ ଚାରିଥାକିଆ ରାସ୍ତା ଦେଖିବେ କେବେ

**ତାଳଚେର, ୧୯ ।୧(ସମିସ)**

ଭାରତ ମାନଚିତ୍ରରେ ଅନୁଗୋଳ ଜିଲ୍ଲା ଖଣି ଖାଦାନକୁ ନେଇ ଆଜି ନିଜର ପରିଚୟ ସୃଷ୍ଟି କରିଛି। ତେବେ ଏହି ଜିଲ୍ଲାର ତାଳଚେରରେ ସର୍ବାଧିକ ଖଣି ଖାଦାନ, ବିଭିନ୍ନ ରାଷ୍ଟ୍ରଉଦ୍ୟୋଗ କଳ କାରଖାନା ସମତେ ଛୋଟବଡ଼ ଅନେକ ଶିଳ୍ପ କାରଖାନା ରହିଛି। ଏଥିରୁ ରାଜ୍ୟ ଓ କେନ୍ଦ୍ର ସରକାର ଦୈନିକ କୋଟି କୋଟି ଟଙ୍କା ରାଜସ୍ୱ ଆକାରରେ ନେଉଛନ୍ତି। ଏପରିକି, ସର୍ବପ୍ରଥମେ ୧୯୨୧ ମସିହା ତାଳଚେର ଭିଲିୟର୍ସ କୋଇଲା ଖଣିରୁ ଆରମ୍ଭ ହୋଇ ୧୯୩୭ ମସିହାରେ କୋଇଲା ଚାଳିତ ରେଳଯୋଗେ କୋଇଲା ପରିବହନ କରି ତାଳଚେରର ଗୌରବ ମଣ୍ଡନ କରି ଆସୁଛି। ଏହାପରେ



ତାଳଚେରର ଭାଗ୍ୟ ସମ୍ପୂର୍ଣ୍ଣଭାବେ ବଦଳି ଯାଇଛି। ଖଣି ଖାଦାନ ଅନୁପାତରେ ଲୋକସଂଖ୍ୟା ବୃଦ୍ଧିପାଇବା ସହ ଗାଡ଼ିମଟର ସଂଖ୍ୟା ମଧ ଆଶାତୀତ ଭାବେ ବୃଦ୍ଧି ପାଇଛି। ତାଳଚରେରେ ଖଣିଖାଦାନ ବୃଦ୍ଧି ଯୋଗୁଁ ଲୋକଙ୍କ ଜୀବନ ଜୀବୀକା ପରିବର୍ତ୍ତନ ସାଙ୍ଗକୁ ଏଠିକାର ଅଞ୍ଚଳବାସୀ ଖଣିଖାଦାନରେ ଜମିବାଡ଼ି ହରାଇ ସୁଖ ସ୍ୱାଚ୍ଛନ୍ଦରେ ରହିବେ ବୋଲି ସମସ୍ତଙ୍କର ଧାରଣା ଉପୁଜୁଥିଲା। ମାତ୍ର ଆଜି ଖଣିଖାଦାନ ତାଳଚେରବାସୀଙ୍କ ଅଭିଶପ୍ତ ପାଲଟିଥିବା କୁହାଯାଉଛି।

ଘଟଣାକ୍ରମେ ପ୍ରଶାସନ, ରାଜନେତା ତାଳଚେରବାସୀଙ୍କୁ ସ୍ୱାଧୀନତା ପରଠାରୁ ଭିନ୍ନ ଭିନ୍ନ ସମମୟରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ଏହାକୁ ଭୂଲିଯାଇ ଅଞ୍ଚଳବାସୀଙ୍କୁ ଦୁର୍ବିସହ ମଧ୍ୟକୁ ଠେଲି ଦେଇଥାନ୍ତି। ତାଳଚେର ଅଞ୍ଚଳରେ ଯେଉଁ ତୁଳନାରେ ଏବେ ଗାଡ଼ି ସଂଖ୍ୟା ବୃଦ୍ଧି ପାଇଛି ସେହି ଅନୁଯାୟୀ ତାଳଚେରରେ ୪ଥାକିଆ ରାସ୍ତା ଖଣ୍ଡେ ଦୀର୍ଘବର୍ଷରୁ ଦାବି ହୋଇ ଆସୁଥିଲେ ମଧ ଏହା ଲୋକଙ୍କ ନିକଟରେ ସାତସପନ ହୋଇପଡ଼ିଛି। ନିକଟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହି ରାସ୍ତାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ନେଇ ବଲ୍ଲର ଛକ ଠାରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ୪ଥାକିଆ ରାସ୍ତାରେ ପରିଣତ କରିବାକୁ କାର୍ଯ୍ୟକ୍ରମ ହାତକୁ ନେଇ ଏନଏଚଆଇ ପକ୍ଷରୁ ଜମି ଚିହ୍ନଟ ପରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାସ୍ତା ଉଭୟ ପାର୍ଶ୍ୱରେ ଜମି ମାଲିକଙ୍କୁ ନୋଟିସ୍ ପ୍ରଦାନ କରାଯାଇଥିଲା। କୁହାଯାଏ ଡ଼ିସେମ୍ବର ଶେଷ ସୁଦ୍ଧା ଉକ୍ତ ଜାତୀୟ ରାଜପଥର ୪ଥାକିଆ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ କରାଯିବ। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜମିମାଲିକ ମାନଙ୍କୁ କେବଳ ନୋଟିସ୍ ଖଣ୍ଡେ ଦେଇ ଚୁପ୍ ହୋଇ ବସି ରହିବା ଘଟଣା ଅଞ୍ଚଳବାସୀଙ୍କୁ ସନ୍ଦେହ ଘେରକୁ ଟାଣି ଆଣିଛି। ତେବେ ଏହି ମରଣଯନ୍ତା ଓ ଧୂଳିଧୂଆଁରେ ଜର୍ଜରିତ ଜାତୀୟ ରାଜପଥ ୪ଥାକିଆ ରାସ୍ତାରେ ପରିଣତ ହେବ କେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

